ସାପ୍ତାହିକ ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ୰ ଶରତ ନାରାୟଣ ବେହେରା
RNI No. 66443/94
Vol.26 | Issue - 48 | 27 November - 03 December 2022 | Sambalpur | Page- 8 | Invitation Price Rs.10

# ପାଞ୍ଚଦିନ ବ୍ୟାପୀ ସମ୍ବଲପୁର ମହୋତ୍ସବ ଉଦଯାପିତ









ସମ୍ବଲପୁର : ସ୍ଥାନୀୟ ଅଇଁଠାପାଲି ସ୍ଥିତ ବୀର୍ସା ମଇଦାନରେ ପାଞ୍ଚଦିନ ବ୍ୟାପୀ ସମ୍ବଲପୁର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଲୋକଗୀତର ଆସର ସାଙ୍ଗକୁ ସମ୍ବଲପୁରୀ ଫେସନ୍ ସୋ ଏବଂ ପ୍ରସିଦ୍ଧ ସମ୍ବଲପୁରୀ କଣ୍ଠ ଶିଳ୍ପୀ, ବିଭିନ୍ନ ରାଜ୍ୟରୁ ଆସିଥିବା ନୃତ୍ୟ ଦଳ ଓ 'ଉଡାନ୍' ସମେତ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନର କଳାକାରମାନେ ଅଂଶ ଗ୍ରହଣ କରି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ । ଝାରଖଣ୍ଡର ଜାମସେଦପୁରର ଏକଲବ୍ୟ ଡ୍ୟାନ୍ସ ଏକାଡେମି କଳାକାରଙ୍କ ଦ୍ୱାରା ପରିବେଷିତ ନୃତ୍ୟାଭିନୟ ମହାନଦୀର କଥା ଦର୍ଶକଙ୍କ ମଧ୍ୟରେ ଏକ ଭିନ୍ନ ଶିହରଣ ସୃଷ୍ଟି କରିଥିଲା ।

ଉଦ୍‌ଯାପନୀ ଉତ୍ସବରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ । ପୂର୍ବରୁ ଅନୁଷ୍ଠିତ ଝୋଟି ଓ ଚିତ୍ରକଳା ପ୍ରତିଯୋଗିତାର କୃତୀ ପ୍ରତିଯୋଗୀ, ସମସ୍ତ ଉଦଘୋଷକ ଉଦଘୋଷିକାଙ୍କୁ ପୁରସ୍କୃତ କରାଯାଇଥିଲା । ଏହି ଅବସରରେ ବିଶିଷ୍ଟ ଶିକ୍ଷାବିତ୍ ପ୍ରଫେସର ଶଙ୍କର ପ୍ରସାଦ ପତି, ବିଶିଷ୍ଟ ସାମାଜିକ କର୍ମୀ ଦୁର୍ଗା ନାଥ, ପରଭେଜ ଅଲ୍ଲୀ ଖାନ ସମେତ ସ୍ୱାଭିମାନ ସମ୍ବଲପୁର ଓ କୋଶଲ ସେନାକୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେହିପରି ନୃତ୍ୟଶିଳ୍ପୀ ଦୀପାଳି ଚୌଧୁରୀଙ୍କୁ 'ଗୁରୁବାରୀ ମିର୍ଦ୍ଧା ନୃତ୍ୟାଙ୍ଗନା ସମ୍ମାନ'ରେ ସମ୍ମାନିତ କରାଯାଇଥିବା ବେଳେ ମନୀଷା ଭୋଇଙ୍କୁ 'ନୃତ୍ୟ ମଞ୍ଜରୀ ସମ୍ମାନ', ସୁଶୀଳା ନାୟାରଙ୍କୁ ଅଭିନୟରେ ଜୀବନବ୍ୟାପି ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା । ଦୁବାଇର ନୂଆଁଖାଇ ପରିବାରର ପ୍ରଶାନ୍ତ ମେହେର, କଣ୍ଠଶିଳ୍ପୀ ଡକ୍ଟର ପଦ୍ମିନୀ ପାଣିଗ୍ରାହୀ, ସମ୍ବଲପୁରୀ ରକ୍ ଷ୍ଟାର୍ ରୁକୁ ସୁନା, କବି ଦୁର୍ଗା ପଣ୍ଡା, ମୀରା ପରିଡା, ପ୍ରୟାସ ପରିବାର, ମାଁ ଲିମସରିଏନ୍ ଯୁବକ ସଂଘକୁ ମଧ ସମ୍ବର୍ଦ୍ଧିତ କରାଯାଇଥିଲା ।

ପଦ୍ମଶ୍ରୀ ହଲଧର ନାଗ ଏହି ଉତ୍ସବକୁ ଉଦ୍‌ଘାଟନ କରିଥିଲେ । ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ସାଧୁଚରଣ ପଣ୍ଡା ଏଥିରେ ସମ୍ମାନିତ ଅତିଥି ରୂପେ ଯୋଗ ଦେଇ ଫଟୋ ପ୍ରଦର୍ଶନୀ ଏବଂ ଚିତ୍ରକଳା ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଅନୁଷ୍ଠିତ ସମ୍ବଲପୁର ଫେସନ୍ ସୋ'ର ସମସ୍ତଙ୍କ ହୃଦୟ ଛୁଇଁଥିଲା । କରୋନା ସମୟରେ ପରଲୋକଗତ କଳାକାରମାନଙ୍କ ଆତ୍ମାର ସଦ୍‌ଗତି ପାଇଁ ଅନୁଷ୍ଠିତ ସର୍ବଧର୍ମ ପ୍ରାର୍ଥନା ସଭାରେ ପଣ୍ଡିତ ସଚ୍ଚିଦାନନ୍ଦ କରଶର୍ମା, ରଂଜିତ ସିଂହ, ଇଶାକ ନାୟକ, ସୁରଂଜନ ମହାପାତ୍ର, ମହମ୍ମଦ କାସିଫ ସାମିଲ ହୋଇଥିଲେ । ସକାଳେ ସମଲେଶ୍ୱରୀ ମନ୍ଦିରରେ ଅଖଣ୍ଡ ଦୀପ ପ୍ରଜ୍ୱଳନ ପରେ ବିର୍ସା ମଇଦାନରେ ଝୋଟି, ରଂଗୋଲି ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

ବିଭିନ୍ନ ଦିବସରେ ଗଙ୍ଗାଧର ମେହେର ବିଶ୍ୱ-ବିଦ୍ୟାଳୟର କୁଳପତି ପ୍ରଫେସର ଏନ୍.ନାଗାରାଜୁ, ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବଂଶୀଧର ମାଝୀ, ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ପ୍ରଫେସର ଶଙ୍କର ପ୍ରସାଦ ପତି ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ଓ ସଞ୍ଚାର ଗାୟକ ଦୁଃଖିନାଶନ ବେହେରା ଅତିଥି ରୂପେ ଯୋଗ ଦେଇଥିଲେ । ପାଞ୍ଚଦିନ ଯାକ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମ ସପନ ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା । ପଦ୍ମଶ୍ରୀ ଡକ୍ଟର ଜିତେନ୍ଦ୍ର ହରିପାଲ, ଭକ୍ତପ୍ରସାଦ ନନ୍ଦ, ସଦାନନ୍ଦ ପଣ୍ଡା, ଗୋଲକ ବିହାରୀ ମିଶ୍ର ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସକ୍ରିୟ ଭୂମିକା ଗ୍ରହଣ କରିଥିଲେ ।





## ଏ ସଂଖ୍ୟାରେ..



ଓଜନ ବୃଦ୍ଧି ପାଇଁ ବ୍ୟାକ୍ଟେରିଆ ଦାୟୀ


ଆନେମିଆ ରୋଗୀ ଓ ଗୁଡ଼


ସ୍ୱାସ୍ଥ୍ୟୋପକାରୀ କଲରା


ଟମାଟୋର ଲାଭ


ସ୍ୱାସ୍ଥ୍ୟ ଲାଗି ଉପକାରୀ ମହୁ ଓ ରସୁଣ


କମଳାର ଉପକାରିତା

# ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ଦାବିରେ ସମ୍ବଲପୁର ବନ୍ଦ

ସମ୍ବଲପୁର: ପଶ୍ଚିମ ଓଡ଼ିଶାକୁ ଏକ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବା ଦାବିରେ ଗତ ୨୩ ତାରିଖ ଦିନ ସମ୍ବଲପୁର ବନ୍ଦ ସଫଳ ହୋଇଛି । ପଶ୍ଚିମ ଓଡ଼ିଶା ତଥା ସମ୍ବଲପୁରକୁ ରାଜ୍ୟ ସରକାରଙ୍କ ଅବହେଳା ନେଇ ବୃଦ୍ଧି ପାଉଥିବା ଜନ ଅସନ୍ତୋଷର ପ୍ରତିଫଳନ ଦେଖିବାକୁ ମିଳିଛି ।

ପଶ୍ଚିମ ଓଡ଼ିଶାର ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ୍ ପ୍ରତିଷ୍ଠା ପାଇଁ ଦୀର୍ଘବର୍ଷରୁ ଜନସାଧାରଣ ତଥା ଓକିଲମାନେ ଆନ୍ଦୋଳନ ଚଳାଇ ଆସୁଥିଲେ ବି ରାଜ୍ୟ ସରକାର ଠୋସ୍ ପ୍ରସ୍ତାବ ଦେବା ପରିବର୍ତ୍ତେ ଟାଳଟୁଳ ନୀତି ଅବଲମ୍ବନ କରୁଛନ୍ତି । ପଶ୍ଚିମ ଓଡ଼ିଶାକୁ ସବୁକ୍ଷେତ୍ରରେ ଅବହେଳା କରାଯାଉଥିବା ବେଳେ ରାଜ୍ୟ ସରକାର ସମ୍ବଲପୁରକୁ ଏକ ପ୍ରୟୋଗଶାଳା ଭାବି ସ୍ମାର୍ଟ ଇଲେକ୍ଟ୍ରିକ୍ ମିଟର, ପାଣି ମିଟର ଆଦି ଲଗାଇବା ଆରମ୍ଭ କରିଛନ୍ତି ।



ଗୋଟିଏ ପଟେ ଜନଦାବିକୁ ଉପେକ୍ଷା କରାଯାଉଥିବା ବେଳେ ଅନ୍ୟପଟେ ଲୋକଙ୍କ ଉପରେ ନୂଆ ବୋଝ ଲଦି ଦିଆଯାଉଛି । ଏସବୁ ନେଇ ଅସନ୍ତୁଷ୍ଟ ଥିବା ସମ୍ବଲପୁର ନାଗରିକ କ୍ରିୟାନୁଷ୍ଠାନ କମିଟିର ଆବାହକ ଅରବିନ୍ଦ ମହାପାତ୍ର ନେତୃତ୍ୱରେ ସମ୍ବଲପୁର ବନ୍ଦ ଡାକରା ଦିଆଯାଇଥିଲା । ପଶ୍ଚିମ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟରେ ପରିଣତ କରିବା, ସମ୍ବଲପୁରରେ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ, ସମ୍ବଲପୁରୀ ଭାଷାକୁ ସମ୍ବିଧାନର ଅଷ୍ଟମ ଅନୁଚ୍ଛେଦରେ ସାମିଲ କରିବା, ସମ୍ବଲପୁରରେ ସ୍ମାର୍ଟ ଇଲେକ୍ଟ୍ରିକ୍ ମିଟିର ଓ ପାଣି ମିଟର ପ୍ରଚଳନ ବନ୍ଦ କରିବା ଦାବିରେ ସମ୍ବଲପୁର ବନ୍ଦ ଡାକରା ବେଶ୍ ପ୍ରଭାବଶାଳୀ ରହିଥିଲା । ଅପରପକ୍ଷରେ ଜିଲ୍ଲା ଓକିଲ ସଂଘର ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାୟୀ ହାଇକୋର୍ଟର ସ୍ଥାୟୀ ବେଞ୍ଚ ସ୍ଥାପନ ଦାବିରେ ଅଫିସ-ଅଦାଲତ ଅଚଳ ପାଇଁ ଓକିଲମାନେ ପିକେଟିଂ କରିଥିଲେ । ସମ୍ବଲପୁରରେ ସବୁ ସରକାରୀ ଓ ବେସରକାରୀ କାର୍ଯ୍ୟାଳୟ, ଦୋକାନ ବଜାର, ବ୍ୟାଙ୍କ ଆଦି ବନ୍ଦ ରହିଥିଲା । ନେଲସନ୍ ମଣ୍ଡେଲା ଛକରେ ନାଗରିକ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ କଚେରୀ ରାସ୍ତା ଅବରୋଧ କରି ଧାରଣା ଦିଆଯାଇଥିଲା । ଫଳରେ, ବିଚାରପତିମାନେ କୋର୍ଟକୁ ଯାଇ ନ ପାରି ଘରକୁ ଫେରି ଯାଇଥିଲେ । ଅପରପକ୍ଷରେ ଏହି ଧାରଣାରେ ବ୍ୟବସାୟୀ ସଂଘ, ବୀର ସୁରେନ୍ଦ୍ର ସାଏ ଅଟୋଚାଳକ ସଂଘ, ଶ୍ରମିକ ସଂଗଠନର ବହୁ ନେତା ସାମିଲ୍ ହୋଇଥିଲେ । ତେବେ, ବନ୍ଦ ବେଳେ ରାଜପଥରେ ଗାଡ଼ି ଚଳାଚଳକୁ ବାଦ୍ ଦିଆଯାଇଥିଲା । ଶିକ୍ଷାନୁଷ୍ଠାନ ଗୁଡ଼ିକରେ ପାଠପଢ଼ା ବନ୍ଦ ରହିଥିଲେ ହେଁ ମାଟ୍ରିକ ସହିତ ଅନ୍ୟାନ୍ୟ ପରୀକ୍ଷା ସ୍ୱାଭାବିକ ଢଙ୍ଗରେ ହୋଇଥିଲା ।

# ସମ୍ବଲପୁର ଡିଭିଜନରେ ମିଶିଲା ବୌଦ୍ଧ, ନୂଆପଡ଼ା

ସମ୍ବଲପୁର : ଉତ୍ତରାଞ୍ଚଳ ରାଜସ୍ୱ ଡିଭିଜନ ଅଧୀନରେ ବୌଦ୍ଧ ଓ ନୂଆପଡା ଜିଲାକୁ ସାମିଲ କରାଯାଇଛି । ରାଜ୍ୟ ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ତରଫରୁ ଏ ସମ୍ପର୍କରେ ବିଜ୍ଞପ୍ତି ପ୍ରକାଶ ପାଇଛି । ଏଥିପାଇଁ ପୂର୍ବରୁ ଦାବି ହୋଇଆସୁଥିଲା । ପୂର୍ବରୁ ଦକ୍ଷିଣ ରାଜସ୍ୱ ଡିଭିଜନଙ୍କ ଅଧୀନରେ ଥିବା ଏହି ୨ ଜିଲ୍ଲାକୁ ଉତ୍ତରାଞ୍ଚଳ ରାଜସ୍ୱ କମିଶନରଙ୍କ ଅଧୀନକୁ ଆଣିବା ଦ୍ୱାରା ଏବେ ଏହା ଅଧୀନରେ ଥିବା ଜିଲା ସଂଖ୍ୟା ୧୦ରୁ ୧୨କୁ ବୃଦ୍ଧି ପାଇଛି । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଅନୁଯାୟୀ, ଉତ୍ତରାଞ୍ଚଳ ରାଜସ୍ୱ ମଣ୍ଡଳ ଅଧୀନରେ ଏବେ ଅନୁଗୋଳ, ବଲାଙ୍ଗୀର, ବରଗଡ଼, ବୌଦ୍ଧ, ଢେଙ୍କାନାଳ, ଦେବଗଡ଼, ନୂଆପଡ଼ା, ଝାରସୁଗୁଡ଼ା, କେନ୍ଦୁଝର, ସୁବର୍ଣ୍ଣପୁର, ସମ୍ବଲପୁର, ସୁନ୍ଦରଗଡ଼ ଜିଲା ସ୍ଥାନ ପାଇଛି । ଅପରପକ୍ଷରେ ଦକ୍ଷିଣ ରାଜସ୍ୱ ମଣ୍ଡଳ ଅଧୀନରେ ୮ଟି ଜିଲା; ଯଥା ଗଞ୍ଜାମ, ଗଜପତି, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, କନ୍ଧମାଳ ଓ ରାୟଗଡା ଜିଲା ରହିଛି ।

# ଚିଠା ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା ବିଧେୟକ-୨୦୨୨

**ଡକ୍ଟର ପ୍ରଦୀପ ମହାପାତ୍ର**

ପ୍ରାକ୍ତନ ବିଭାଗୀୟ ମୁଖ୍ୟ, ସାମ୍ବାଦିକତା ବିଭାଗ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

ଇଲକ୍ଟ୍ରୋନିକ୍ସ ଓ ସୂଚନା ପ୍ରୋଦ୍ୟୋଗିକୀ ମନ୍ତ୍ରଣାଳୟ ପକ୍ଷରୁ ୧୮ ନଭେମ୍ବର ୨୦୨୨ରେ ଚିଠା 'ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା ବିଧେୟକ ୨୦୨୨' ସର୍ବସାଧାରଣଙ୍କ ବିଚାରବିମର୍ଷ ଏବଂ ପରାମର୍ଶ ନିମନ୍ତେ ପ୍ରକାଶିତ ହୋଇଥିଲା । ଡ଼ାଟା ସୁରକ୍ଷା ବିଧେୟକ ଆକାରରେ ଏହା ଚତୁର୍ଥ ଚିଠା । ଏଥିପୂର୍ବରୁ ତିନି ଥର ଚିଠା ବିଧେୟକ ପ୍ରସ୍ତୁତ ହୋଇ ବିଭିନ୍ନ କାରଣରୁ ଖାରଜ ହେବା ଇତିହାସ ରହିଛି । ଭାରତରେ ଜନସାଧାରଣଙ୍କ ନିମନ୍ତେ ୧୯୯୫ରେ ଇଣ୍ଟରନେଟ ସେବା ଉନ୍ମୁକ୍ତ ହେବାପରେ ପ୍ରଥମ ଦୁଇ ଦଶନ୍ଧିରେ ଅନଲାଇନ ପରିବେଶରେ ସଂପୃକ୍ତି ଡ଼ାଟା ସୁରକ୍ଷାକୁ ନେଇ ବିଭିନ୍ନ ସମସ୍ୟା ଉପୁଜିଥିଲା । ପ୍ରଚଳିତ 'ସୂଚନା ପ୍ରୋଦ୍ୟୋଗିକୀ ଆଇନ ୨୦୦୦' ନାଗରିକଙ୍କ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା ଦିଗରେ ପର୍ଯ୍ୟାପ୍ତ ପ୍ରମାଣିତ ହୋଇ ପାରଲା ନାହିଁ ।

ଦେଶରେ ୨୦୧୧ରେ ତତ୍କାଳୀନ ଭାରତୀୟ ଜାତୀୟ କଂଗ୍ରେସ ନେତୃତ୍ୱାଧୀନ 'ୟୁପିଏ' ସରକାରଙ୍କ ଦ୍ୱାରା ନାଗରିକଙ୍କୁ 'ଆଧାର' ପରିଚୟ ପତ୍ର ବିତରଣ ଆରମ୍ଭ ହୋଇଥିଲା । ବାର ନମ୍ବର ବିଶିଷ୍ଟ ଆଧାର ପଞ୍ଜିକରଣ ନିମନ୍ତେ ପ୍ରତ୍ୟେକ ନାଗରିକଙ୍କ ନାମ, ଲିଙ୍ଗ, ବୟସ, ଠିକଣା ଇତ୍ୟାଦି ମୌଳିକ ପରିଚିତି ସାଙ୍ଗକୁ ଅଙ୍ଗୁଳି ଓ ଚକ୍ଷୁ ଡ଼ୋଳାର ଡିଜିଟାଲ ତଥ୍ୟ ଲିପିବଦ୍ଧ ବ୍ୟବସ୍ଥା କରାଗଲା । ସରକାର ଏହିସବୁ ତଥ୍ୟକୁ ନେଇ କିପରି ବ୍ୟବହାର କରିବେ ସେ ସଂପର୍କରେ ପ୍ରଶ୍ନ ଉଠିଲା । ଏହି ଅବସରରେ କର୍ଣ୍ଣାଟକ ହାଇକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତି କେ.ଏସ. ପୁଟ୍ଟସ୍ୱାମୀ ସୁପ୍ରିମ କୋର୍ଟରେ ୨୦୧୨ରେ 'ଆଧାର'ର ବୈଧତାକୁ ପ୍ରଶ୍ନ କରି ଏକ ମକଦ୍ଦମା ଦାୟର କରିଥିଲେ । ଦୀର୍ଘ ପାଞ୍ଚ ବର୍ଷ ବିଚାରଣାପରେ ଉଚ୍ଚ ନ୍ୟାୟାଳୟ ନାଗରିକଙ୍କ ଗୋପନୀୟତାକୁ ମୌଳିକ ଅଧିକାର ରୂପେ ଚିହ୍ନଟ କରିଥିଲେ । ଫଳତଃ, ଡ଼ିଜିଟାଲ ବ୍ୟକ୍ତିଗତ ତଥ୍ୟ ସୁରକ୍ଷା ନିମନ୍ତେ ସରକାରଙ୍କ ପକ୍ଷରୁ ଆଇନ ପ୍ରଣୟନ ଆବଶ୍ୟକ ପଡ଼ିଥିଲା ।

ଘଟଣାକ୍ରମରେ କେନ୍ଦ୍ର ସରକାର ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା ପରିବେଶ ଅନୁଶୀଳନ କରି ଚିଠା ବିଧେୟକ ପ୍ରସ୍ତୁତ କରିବା ନିମନ୍ତେ ଅବସରପ୍ରାପ୍ତ ବିଚାରପତି ବି.ଏନ. ଶ୍ରୀକୃଷ୍ଣଙ୍କ ଅଧକ୍ଷତାରେ ଏକ କମିଟି ଗଠନ କରିଥିଲେ । କମିଟି ଜୁଲାଇ ୨୦୧୮ରେ ପ୍ରଥମ ଚିଠା ବିଲ ପ୍ରସ୍ତୁତ କରିଥିଲେ । ତାହାରି ଆଧାରରେ ମନ୍ତ୍ରଣାଳୟ ପକ୍ଷରୁ ଦ୍ୱିତୀୟ ଚିଠା ବିଧେୟକ ପ୍ରସ୍ତୁତ କରାଯାଇ ସାଂସଦରେ ଉପସ୍ଥାପନ କରାଯାଇଥିଲା ଏବଂ ଡ଼ିସେମ୍ବର ୨୦୧୯ରେ ଯୁଗ୍ମ ସଂସଦୀୟ ସମିତି 'ଜଏଣ୍ଟ ପାର୍ଲାମେଣ୍ଟରୀ କମିଟୀ'କୁ ଅନୁଶୀଳନ ନିମନ୍ତେ ପ୍ରଦାନ କରାଯାଇଥିଲା । କମିଟୀ ପକ୍ଷରୁ ଦୁଇ ବର୍ଷ ପରେ ତୃତୀୟ ଚିଠା ବିଧେୟକ ଡ଼ିସେମ୍ବର ୨୦୨୧ରେ ସଂସଦରେ ପେଶ ହୋଇଥିଲା । ତେବେ ଚିଠା ବିଧେୟକରେ ବ୍ୟାପକ ସଂଶୋଧନ କରାଯାଇଥିବା ହେତୁ ଏହାକୁ ସରକାର ଅଗଷ୍ଟ ୨୦୨୨ରେ ପ୍ରତ୍ୟାହାର କରିନେଇ ନଭେମ୍ବର ୨୦୨୨ରେ ଚତୁର୍ଥ ଚିଠା ବିଧେୟକ ସଂସଦରେ ଉପସ୍ଥାପନ ପୂର୍ବରୁ ସର୍ବସାଧାରଣରେ ପ୍ରକାଶ କରି ଆଲୋଚନା ନିମନ୍ତେ ୧୭ ଡ଼ିସେମ୍ବର ୨୦୨୨ ଯାଏଁ ସମୟସୀମା ନିର୍ଦ୍ଧାରଣ କରିଥିଲେ ।

ଅନଲାଇନ ପରିବେଶରେ ବିଭିନ୍ନ ଉପଯୋଗରେ ଅଂଶଗ୍ରହଣ କରିବା ଅବସରରେ ଇଣ୍ଟରନେଟ ଉପଭୋକ୍ତାଙ୍କୁ ବାରମ୍ବାର ପରିଚୟ ପ୍ରଦାନ କରିବାକୁ ପଡ଼ିଥାଏ । ଏହା ସ୍ୱୟଂକ୍ରିୟ ଉପାୟରେ ସଂଗୃହୀତ ହେଉଥିବା ହେତୁ ଡ଼େସ୍କଟପ ବା ଲେପଟପ କମ୍ପ୍ୟୁଟରରେ ଉଦ୍ଦିଷ୍ଟ ଆଇକନରେ ଗୋଟିଏ କ୍ଲିକ କିମ୍ବା ମୋବାଇଲ ଟାବଲେଟ ଭଳି ଡ଼ିଜିଟାଲ ସ୍କ୍ରିନରେ ଥରେ ଟିପିଦେଲେ ପରିଚୟ ବିନିମୟ ପ୍ରକ୍ରିୟା ସମାପନ ହୋଇଯାଏ । ବିଭିନ୍ନ ସଂସ୍ଥା ପକ୍ଷରୁ ସଂଗ୍ରହ କରାଯାଉଥିବା ଏହି ବ୍ୟକ୍ତିଗତ ତଥ୍ୟ ବା ଡାଟା କିପରି ବ୍ୟବହୃତ ହେବ ତାହା ଏକ ତାତ୍ପର୍ଯ୍ୟପୂର୍ଣ୍ଣ ପ୍ରଶ୍ନ ।

ପ୍ରଚଳିତ ବ୍ୟବସ୍ଥାରେ ଉପଭୋକ୍ତା ଥରେ କୌଣସି ସଂସ୍ଥାକୁ ପରିଚୟ ପ୍ରଦାନ କଲାପରେ ତାହା ନିୟନ୍ତ୍ରଣ କରିବା ନିମନ୍ତେ କୌଣସି ସାଧନ ଖୋଜି ପାଏ ନାହିଁ । ତେଣୁ ତାହାର ଦୁରୁପଯୋଗ ସମସ୍ୟା ସୃଷ୍ଟି କରେ । ବିକାଶଶୀଳ ସୂଚନା ପ୍ରୋଦ୍ୟୋଗିକୀ ବ୍ୟବସ୍ଥାରେ ଦେଶରେ ପ୍ରଚଳିତ ମୌଳିକ ଆଇନାବଳୀ ସୀମିତ ମାତ୍ରାରେ ଉପଯୋଗ ସଂଭବ । ଏଥି ନିମନ୍ତେ ବୈଷୟିକ ଦକ୍ଷତା ଆବଶ୍ୟକ ପଡ଼େ ଏବଂ ଦୀର୍ଘ ସମୟ ଧରି ମାମଲା ସମାଧାନ ସଂଭବ ହୋଇପାରେ ନାହିଁ ।

'ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା' କହିଲେ ଉପଭୋକ୍ତାଙ୍କ ପକ୍ଷରୁ ଅନଲାଇନରେ ଦାଖଲ ହେଉଥିବା ବ୍ୟକ୍ତିଗତ ତଥ୍ୟକୁ ବୁଝାଏ । ଉପଭୋକ୍ତା ଅର୍ଥ ଜଣେ ନାଗରିକ, ଏକ ହିନ୍ଦୁ ଅବିଭକ୍ତ ପରିବାର, ଏକାଧିକ ନାଗରିକଙ୍କ ସମ୍ମେଳନରେ ଗଠିତ ଅନୁଷ୍ଠାନ, ବ୍ୟାବସାୟିକ ପ୍ରତିଷ୍ଠାନ ଓ ରାଜ୍ୟ ଇତ୍ୟାଦିକୁ ବୁଝାଏ । ଚିଠା ବିଧେୟକ ଅନୁଯାୟୀ ବ୍ୟକ୍ତିଗତ ଡ଼ାଟା ସଂଗ୍ରହ କାଳରେ ଉପଭୋକ୍ତାଙ୍କ ସମ୍ମତ୍ତ ଗ୍ରହଣ ବାଧତାମୂଳକ । ଯେକୌଣସି ସମୟରେ ଉପଭୋକ୍ତାଙ୍କ ଆବେଦନ ପ୍ରକାରେ ସଂଗୃହୀତ ବ୍ୟକ୍ତିଗତ ତଥ୍ୟାବଳୀ ସଂପୃକ୍ତ ଡ଼ିଜିଟାଲ ମଞ୍ଚରୁ ପ୍ରତ୍ୟାହାର କରିବା ପ୍ରାବଧାନ ରହିବ । ନ୍ୟାୟିକ ପ୍ରକ୍ରିୟାରେ ତଥ୍ୟ ସଂଗ୍ରହକର୍ତ୍ତା ଡିଜିଟାଲ ମଞ୍ଚ ଉପଭୋକ୍ତାଙ୍କ ସମ୍ମତ୍ତି ଗ୍ରହଣ କରିଥିବା ପ୍ରମାଣ ଉପସ୍ଥାପନ ନିମନ୍ତେ ଦାୟୀ ରହିବେ ।

ଅନଲାଇନ ପରିବେଶ, ମୁଖ୍ୟତଃ ସାମାଜିକ ଗଣମାଧମରେ ବିଶ୍ୱବ୍ୟାପୀ ଆନ୍ତର୍ଜାତିକସ୍ତରର ବ୍ୟାବସାୟିକ ପ୍ରତିଷ୍ଠାନମାନଙ୍କ ଦ୍ୱାରା ପରିଚାଳିତ ମଞ୍ଚ ଲୋକପ୍ରିୟତା ହାସଲ କରିଥାଏ ଏବଂ ଭାରତରେ ମଧ ମେଟା, ଗୁଗୁଲ, ଟୁଇଟର ଭଳି ମଞ୍ଚଗୁଡ଼ିକର କାଟତି ରହିଛି । ପ୍ରତ୍ୟେକ ଇଣ୍ଟରନେଟ ଉପଭୋକ୍ତା ସାମାଜିକ ଗଣମାଧମ କିମ୍ବା ଇ-କମର୍ସ ମଞ୍ଚଗୁଡ଼ିକ ସହ ଯୋଡ଼ି ହୋଇ ନିଜ ନିଜ ବ୍ୟକ୍ତିଗତ ଡ଼ାଟା ଦାଖଲ କରିଥାନ୍ତି । ଭାରତୀୟ ଉପଭୋକ୍ତାଙ୍କ ଡ଼ିଜିଟାଲ ଡ଼ାଟାକୁ ଭାରତର ପରିସୀମାରେ ସର୍ଭର ସ୍ଥାପନ କରି ଗଚ୍ଛିତ ରଖିବା ନିମନ୍ତେ ପୂର୍ବ ପ୍ରସ୍ତୁତ ତିନିଗୋଟି ଚିଠା ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା ବିଧେୟକରେ ଗୁରୁତ୍ୱ ପ୍ରଦାନ କରାଯାଇଥିଲା । କିନ୍ତୁ ଚତୁର୍ଥ ଚିଠାରେ କେନ୍ଦ୍ର ସରକାରଙ୍କ ସମ୍ମତିକ୍ରମେ ନିର୍ଦ୍ଦିଷ୍ଟ କେତେକ ରାଷ୍ଟ୍ରକୁ ସେସବୁ ତଥ୍ୟାବଳୀ ସ୍ଥାନାନ୍ତର ନିମନ୍ତେ ସୁବିଧା ପ୍ରଦାନ କରାଯିବା କଥା କୁହାଯାଉଛି ।

ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା ଆଇନ ପ୍ରଣୀତ ହେବାପରେ ଏହାର କାର୍ଯ୍ୟକାରିତା ତଦାରଖ କରିବା ନିମନ୍ତେ କେନ୍ଦ୍ର ସରକାରଙ୍କ ପକ୍ଷରୁ ବିଜ୍ଞପ୍ତି ବଳରେ 'ଡ଼ାଟା ପ୍ରୋଟେକସନ ବୋର୍ଡ ଅଫ ଇଣ୍ଡିଆ' ନାମରେ ଏକ ନିୟମାକ ଗଠନ ପ୍ରସ୍ତାବ ବିଧେୟକରେ ରହିଛି । ଯେକୌଣସି ଇଣ୍ଟରନେଟ ଉପଭୋକ୍ତା, ସରକାର କିମ୍ବା ନ୍ୟାୟାଳୟ ପକ୍ଷରୁ ଆଗତ ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା ପରିପନ୍ଥୀ ଅଭିଯୋଗଗୁଡ଼ିକ ବିଚାର କରି ଆଇନ ଉଲଂଘନ ପାଇଁ ବୋର୍ଡ଼ ଆର୍ଥିକ ଜରିମାନା ଆଦେଶ କରିପାରିବେ । ଆବଶ୍ୟକ ସ୍ଥଳେ ଦାୟିତ୍ୱ ନିର୍ବାହ ନିମନ୍ତେ ରାଜ୍ୟ ପୋଲିସ ବଳର ସାହାଯ୍ୟ ଗ୍ରହଣ କରିପାରିବେ ଏବଂ 'କୋଡ଼ ଅଫ ସିଭିଲ ପ୍ରୋସିଡ୍ୟୁର ୧୯୦୮' ଅନୁଯାୟୀ ଏକ 'ସିଭିଲ କୋର୍ଟ'ର ସମସ୍ତ ଅଧିକାର ଉପଭୋଗ କରିବେ । ବୋର୍ଡର ଆଦେଶ ବିରୋଧରେ ଦୁଇ ମାସ ମଧରେ କେବଳ ହାଇକୋର୍ଟରେ ଅପିଲ କରାଯାଇପାରବ । ଚିଠା ବିଧେୟକରେ ସର୍ବୋଚ୍ଚ ଜରିମାନା ପରିମାଣ ୨୫୦ କୋଟି ଟଙ୍କା ଯାଏଁ ଧାର୍ଯ୍ୟ ହୋଇଛି ।

'ଚିଠା ଡିଜିଟାଲ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା ବିଧେୟକ ୨୦୨୨' ପ୍ରକାଶିତ ହେବାପରେ ସର୍ବସାଧାରଣରେ ମିଶ୍ରିତ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଇଣ୍ଟରନେଟ ବ୍ୟାବସାୟିକ ସଂଗଠନଗୁଡ଼ିକ ପକ୍ଷରୁ ଚିଠା ବିଧେୟକକୁ ସରଳ ଓ ଯୁକ୍ତିଯୁକ୍ତ ଅଭିହିତ କରାଯାଇଥିବା ସ୍ଥଳେ ଇଣ୍ଟରନେଟ ସ୍ୱାଧୀନତା ସଚେତନ ମଞ୍ଚଗୁଡ଼ିକ ପକ୍ଷରୁ କେତେକ ଦିଗକୁ ସମାଲୋଚନା କରାଯାଇଥିଲା । ପ୍ରଥମତଃ, ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା ନିୟନ୍ତ୍ରଣ କ୍ଷେତ୍ରରେ କେନ୍ଦ୍ର ସରକାର ଅଖଣ୍ଡ କ୍ଷମତା କେନ୍ଦ୍ରୀଭୂତ କରୁଥିବା ଅଭିଯୋଗ ଆସିଥିଲା । ଏହି ଆଇନରୁ ସରକାରୀ କଳ ମୁକ୍ତଥିବା ଏବଂ ଯେକୌଣସି ବିଷୟରେ ଡ଼ାଟା ସଂଗ୍ରହ ଓ ଅସୀମିତ କାଳ ସଂରକ୍ଷଣ ଅଧିକାର ନାଗରିକଙ୍କ ସ୍ୱାର୍ଥର ପରିପନ୍ଥୀ ବୋଲି କୁହାଯାଇଥିଲା । ଦ୍ୱିତୀୟତଃ, ୨୫୦ କୋଟି ଟଙ୍କା ଯାଏଁ ଜରିମାନା ପରିମାଣ ଅବାସ୍ତବ ବିଚାର କରାଯାଇଥିଲା । ତୃତୀୟତଃ, ଭୁଲ ପରିଚୟ ପ୍ରଦାନ ନିମନ୍ତେ ସାଧାରଣ ଉପଭୋକ୍ତାଙ୍କୁ ଦଶ ହଜାର ଟଙ୍କା ଯାଏଁ ଜରିମାନା ଅସଂଗତ ସୂଚିତ ହୋଇଥିଲା । ଅନଲାଇନ ପରିବେଶ ସଂପର୍କରେ ଆମ ଦେଶରେ ବହୁ ସଂଖ୍ୟକ ଜନସାଧାରଣ ସାକ୍ଷର ନଥିବା ହେତୁ ଜରିମାନା ଦଣ୍ଡ ଅପ୍ରାସଙ୍ଗିକ ବୋଧ ହୁଏ ।

ଚିଠା ଡ଼ିଜିଟାଲ ବ୍ୟକ୍ତିଗତ ଡ଼ାଟା ସୁରକ୍ଷା କେବଳ ଡ଼ିଜିଟାଲ ସୂତ୍ରରେ ସଂଗୃହୀତ ସୂଚନା ନିମନ୍ତେ ଅଭିପ୍ରେତ ଥିବା ହେତୁ ଅଣ-ଡିଜିଟାଲ ବ୍ୟକ୍ତିଗତ ତଥ୍ୟର ଅସଦ ବ୍ୟବହାର ଜାରି ରହିବା ବହୁ ସମାଲୋଚକ ଆଶଙ୍କା ବ୍ୟକ୍ତ କରିଥିଲେ । ଚିଠା ବିଧେୟକରେ ଅସୁସ୍ଥ ଅବସ୍ଥାରେ ତଥା ମୃତ୍ୟୁପରେ ବ୍ୟକ୍ତିଗତ ଡ଼ାଟା ପରିଚାଳନା କରିବା ନିମନ୍ତେ ଉତ୍ତରାଧିକାରୀ ମନୋନୟନ ଏବଂ କୌଣସି ସଂସ୍ଥାଠାରେ ଦାଖଲ କରାଯାଇଥିବା ତଥ୍ୟର ସାରାଂଶ ଦାବୀ କରିବା ପ୍ରାବଧାନ ରହିଛି । ଆମ ଦେଶରେ ସର୍ବୋଚ୍ଚ ନ୍ୟାୟାଳୟର ତର୍ଜମାରେ ସମ୍ବିଧାନର ଧାରା ୨୧ ଅନୁଯାୟୀ ଜୀବନ ଓ ବ୍ୟକ୍ତିଗତ ସ୍ୱାଧୀନତାର ଅଧିକାର ଆଧାରରେ ଗୋପନୀୟତା ମୌଳିକ ଅଧିକାର ସାବ୍ୟସ୍ତ ହେବା ସହ ଗୋପନୀୟ ତଥ୍ୟ ପ୍ରତ୍ୟାହାର 'ରାଇଟ-ଟୁ-ଫରଗଟନ' ଏବଂ ଅସମ୍ମତି 'ରାଇଟ-ଟୁ-ବି-ଲେଫଟ-ଏଲୋନ' ମଧ ଉପଲବ୍ଧ ।

--୦୦--

# ସନ୍ଥ ତୁଳସୀ ଦାସ ଓ ରାମଚରିତ ମାନସ

**ହି**ନ୍ଦୀ ସାହିତ୍ୟର ଯଶସ୍ୱୀ ସ୍ରଷ୍ଟା ଭାବରେ ଅଗଣିତ ପାଠକଙ୍କ ପାଖରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଥିବା ବ୍ୟକ୍ତିତ୍ୱ ହେଉଛନ୍ତି ସନ୍ଥ ତୁଳସୀ ଦାସ । ଏହି ସାହିତ୍ୟର ଭକ୍ତି ଯୁଗର ସଗୁଣ ଧାରାର ରାମଭକ୍ତି ଶାଖାର ଶ୍ରେଷ୍ଠ କବି ଭାବରେ ସେ 'ରାମଚରିତ ମାନସ' ପରି ଏକ ମହାନ୍ ଗ୍ରନ୍ଥ ରଚନା କରି ବାଣୀ ଭଣ୍ଡାରର ଶ୍ରୀବୃଦ୍ଧି କରିବାକୁ ସମର୍ଥ ହୋଇ ପାରିଛନ୍ତି, ଯେଉଁଥି ପାଇଁ ସେ 'ଗୋସ୍ୱାମୀ' ପରି ମର୍ଯ୍ୟାଦାଜନକ ଉପାଧି ପାଇବାର ଅଧିକାରୀ ହୋଇ ପାରିଥିଲେ । ଭକ୍ତିରସ ଥିଲା ତାଙ୍କ ଲେଖନୀର ଅନ୍ତଃସ୍ୱର ।

ଉତ୍ତରପ୍ରଦେଶ ରାଜ୍ୟର ଚିତ୍ରକୁଟ ଜିଲ୍ଲା ଅନ୍ତର୍ଗତ ରାଜାପୁର ଗାଁରେ ଜଣେ ପ୍ରତିଷ୍ଠିତ ବ୍ରାହ୍ମଣ ହେଉଛନ୍ତି ଆତ୍ମାରାମ ଦୁବେ । ତାଙ୍କ ପତ୍ନୀଙ୍କ ନାମ ହୁଲସୀ । ସନ ୧୫୫୪ ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ତାଙ୍କର ଯେଉଁ ପୁତ୍ର ସନ୍ତାନଟିଏ ଭୂମିଷ୍ଠ ହୋଇଥିଲା, ସେ ହେଉଛନ୍ତି ତୁଳସୀ । ତେବେ ତାଙ୍କ ଜନ୍ମରେ ପରିବାରରେ ଖୁସି ବଦଳରେ ଖେଳି ଯାଇଥିଲା ଏକ ଅଜଣା ଆତଙ୍କ । କାରଣ ତାଙ୍କ ଜନ୍ମ ସମୟ ଥିଲା ଅଭୁକ୍ତ ମୂଳ ନକ୍ଷତ୍ର, ଯାହାକି ସନ୍ତାନ ଓ ପରିବାର ପାଇଁ ଆଣି ଦେଇଥାଏ ଚରମ ବିପତ୍ତି । ଏ ପରିସ୍ଥିତିରେ ମାତାପିତା ନିରୁପାୟ ହୋଇ ତାଙ୍କୁ ତ୍ୟାଗ କରି ଦେଇଥିଲେ । ବଡ଼ ଅସହାୟ ଭାବରେ ଅନ୍ୟର ଦୟାରେ କଟିଥିଲା ତାଙ୍କ ଶୈଶବ ।

ତୁଳସୀଙ୍କୁ ମାତ୍ର ପାଞ୍ଚବର୍ଷ ବୟସ ହୋଇଥିବା ବେଳେ ତାଙ୍କୁ ଅନାଥ କରି ସେପାରିକୁ ଚାଲିଗଲେ ପିତାମାତା । ଅଗତ୍ୟା ତାଙ୍କୁ ଭିକ୍ଷା ମାଗି ଜୀବନ ବଞ୍ଚାଇବାକୁ ପଡ଼ିଥିଲା । ବାସ୍ ପେଟକୁ ଗଣ୍ଡାଏ ମିଳିଗଲେ ସେ କେଉଁ ମଠ କି ମନ୍ଦିର ଦେଖି ବିଶ୍ରାମ ନେଉଥିଲେ । ବଡ଼ ଦୁର୍ଦ୍ଦିନରେ ଗଡ଼ି ଚାଲିଲା ତାଙ୍କ ସମୟ । ଏହି ସମୟ ମଧରେ ଦିନେ ସେ ଗାଁକୁ ଆସିଥିବା ସାଧୁ ନରହରି ଦାସ ତାଙ୍କୁ ନିଜର ଶିଷ୍ୟ ଭାବରେ ଗ୍ରହଣ କରି ସାଥୀରେ ନେଇଗଲେ । କୁହାଯାଏ, ଜନ୍ମ ସମୟରେ ତୁଳସୀ ଦାସଙ୍କ ମୁହଁରୁ ସ୍ୱତଃପ୍ରବୃତ୍ତ ଭାବରେ 'ରାମନାମ' ଉଚ୍ଚାରିତ ହୋଇଥିଲା । ତେଣୁ ତାଙ୍କର ଆଉ ଗୋଟିଏ ନାଁ ଥିଲା – 'ରାମବୋଲା' ।

ତୁଳସୀ ଦାସଙ୍କୁ ସାଥୀରେ ନେଇ ଗୁରୁ ନରହରି ଦାସ ଶୂକରଖେତ ନାମକ ସ୍ଥାନରେ ରହିବାକୁ ଲାଗିଲେ । ସେଠାରେ ତାଙ୍କୁ ରାମନାମ ଦୀକ୍ଷା ପ୍ରଦାନ କରିବା ସହିତ ବିଦ୍ୟାଶିକ୍ଷା ଦେବାକୁ ଲାଗିଲେ । ଗୁରୁଙ୍କଠାରୁ ପ୍ରତ୍ୟହ ରାମକଥା ଶୁଣିବା ଦ୍ୱାରା ସେ ପୂରା ରାମଭକ୍ତ ହୋଇଗଲେ । ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ଚରିତ୍ର ତାଙ୍କୁ ବିଶେଷ ଭାବରେ ପ୍ରଭାବିତ କରି ପାରିଥିଲା । ଗୁରୁଙ୍କଠାରୁ ଶିକ୍ଷା ଗ୍ରହଣ ପରେ ସେ କାଶୀ ଯାଇ ସେଠାରେ ସଂସ୍କୃତ ଅଧ୍ୟୟନ କରିଥିଲେ । ଏ କ୍ଷେତ୍ରରେ ପାଣ୍ଡିତ୍ୟ ଅର୍ଜନ କଲା ପରେ ସେ ଗାଁକୁ ଫେରିଆସି ପୁରୋହିତ ଧନ୍ଦାରେ ମନୋନିବେଶ କଲେ । ଏହାର କିଛିଦିନ ଅନ୍ତେ ସେ ପଡ଼ୋଶୀ ଗ୍ରାମର ଜନୈକ ବ୍ରାହ୍ମଣ ଦୀନବନ୍ଧୁ ପାଠକଙ୍କ କନ୍ୟା ରତ୍ନାବଳୀଙ୍କ ସହିତ ବିବାହ ବନ୍ଧନରେ ଆବଦ୍ଧ ହୋଇଥିଲେ । ପତ୍ନୀଙ୍କୁ ସେ ପ୍ରାଣଭରି ଭଲ ପାଉଥିଲେ । ଏପରିକି ଦଣ୍ଡେ ମାତ୍ର ଛାଡ଼ି ରହି ପାରୁ ନଥିଲେ । ଯୌବନର ଉଦ୍ଦାମତାରେ ସେ ଥିଲେ ମସ୍‌ଗୁଲ । ଏଣୁ ମାତ୍ରାଧିକ ପ୍ରେମ କାରଣରୁ ସେ ପତ୍ନୀଙ୍କୁ ବାପଘରକୁ ଯିବାକୁ ମଧ ଦେଉ ନଥିଲେ । ଥରେ ତୁଳସୀ ଦାସଙ୍କ ଅନୁପସ୍ଥିତିର ସୁଯୋଗ ନେଇ ରତ୍ନାବଳୀ ବାପଘର ଚାଲିଗଲେ । ତେଣେ କାର୍ଯ୍ୟ ସାରି ତୁଳସୀ ଘରକୁ ଫେରି ଦେଖନ୍ତି ତ ପତ୍ନୀ ନାହାନ୍ତି । ବିରହ ବିଚ୍ଛେଦରେ ଜର୍ଜରିତ ତୁଳସୀ ଦାସ ସେହି ଘୋର ବର୍ଷଣମୁଖର ଅନ୍ଧାର ରାତିରେ ନଦୀ ପାରି ହୋଇ ସିଧା ଶ୍ୱଶୁରଙ୍କ ଘରେ ପହଞ୍ଚି ଗଲେ । ରାତି ଅଧରେ ଅଚାନକ ସ୍ୱାମୀଙ୍କୁ ଦେଖି ହତଚକିତ ହୋଇ ପଡ଼ିଲେ ରତ୍ନାବଳୀ । ସ୍ୱାମୀଙ୍କର ଏ ବିକୃତ ମାନସିକତା ଯୋଗୁଁ ଲଜ୍ଜିତ ବୋଧ କଲେ । ଏପରିକି କଠୋର ଭାଷାରେ କୁତ୍ସାରଟନା କରିବାକୁ ପଛେଇଲେ ନାହିଁ । କହିଲେ- 'ତୁମେ ମୋର ଏ ରକ୍ତ, ମଳ, ମୂତ୍ର, ମାଂସ, ପୂତିଗନ୍ଧମୟ ଶରୀରକୁ ଯେତିକି ଭଲ ପାଉଛ, ସେତିକି ଯଦି ପ୍ରଭୁ ଶ୍ରୀରାମଙ୍କୁ ଭଲ ପାଆନ୍ତ, ତା'ହେଲେ ତୁମେ ବୈକୁଣ୍ଠରେ ବାସ କରନ୍ତ ।'

ପତ୍ନୀଙ୍କର ଏହି ତାଚ୍ଛଲ୍ୟଭରା ଉକ୍ତି ତୁଳସୀଙ୍କ ମନରେ ଗଭୀର ରେଖାପାତ କରିଥିଲା । ସଂସାର ପ୍ରତି ଓ ପତ୍ନୀଙ୍କ ଶରୀର ପ୍ରତି ତାଙ୍କର ଯେଉଁ ମୋହ ଥିଲା, ତାହା କ୍ଷଣିକ ମଧରେ ଭାଙ୍ଗିଗଲା । ସେଇ ମୁହୂର୍ତ୍ତରେ ସେ ସେଠାରୁ ବିଦାୟ ନେଇ ସଂସାର ତ୍ୟାଗୀ ବୈରାଗୀ ପାଲଟି ଗଲେ ଏବଂ ପ୍ରଭୁ ଶ୍ରୀରାମଙ୍କ ନାମ ନେଇ ତାଙ୍କର ଅନନ୍ୟ ଭକ୍ତ ପାଲଟି ଗଲେ । କାଶୀ ନଗରୀର ଗଙ୍ଗାନଦୀ ତଟସ୍ଥ ଆଶ୍ରମ ହେଲା ତାଙ୍କର ଆବାସ ସ୍ଥଳ । ସେଠାରେ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କ ମୂର୍ତ୍ତି ସ୍ଥାପନପୂର୍ବକ ବିଭୁ ପ୍ରେମରେ ସେ ମଜ୍ଜି ରହିଲେ । ଏହି ସମୟରେ ପ୍ରଭୁ ଶ୍ରୀରାମଙ୍କ ଗୁଣଗାନ ପୂର୍ବକ ସଂସ୍କୃତ ଭାଷାରେ ଗ୍ରନ୍ଥଟିଏ ରଚନା କରିବା ଇଚ୍ଛାଟିଏ ମନ ଭିତରେ ଉଙ୍କି ମାରିଲା । ଏଣୁ ସେ କଠିନ ପରିଶ୍ରମ କରି ଶ୍ଳୋକମାନ ଲେଖି ଚାଲିଲେ । ହେଲେ ଦେଖାଗଲା ରାତି ପାହିଲା ବେଳକୁ ସେସବୁ ଅନ୍ତର୍ଦ୍ଧାନ ହୋଇ ଯାଇଛି । କ୍ରମଶଃ ସାତଦିନ ଯାଏଁ ଏମିତି ଘଟି ଚାଲିଲା । ତୁଳସୀ ଦାସଙ୍କ ମନରେ ନୈରାଶ୍ୟ ଭାବ । ଗ୍ରନ୍ଥ ପାଇଁ ଉଦ୍‌ବେଗ । କ'ଣ ଏସବୁ ଘଟୁଛି !

ଅଷ୍ଟମ ରାତିରେ ହେଲା ସ୍ୱପ୍ନାଦେଶ । ଶିବ- ପାର୍ବତୀ ତାଙ୍କୁ କହିଲେ - 'ହେ ବତ୍ସ, ଶ୍ରୀରାମଙ୍କ ଜନ୍ମଭୂମି ଅଯୋଧାରେ ଯାଇ ଗ୍ରନ୍ଥ ରଚନାରେ ମନୋନିବେଶ କର । ସଂସ୍କୃତ ନୁହେଁ, ହିନ୍ଦୀ ଭାଷାରେ ହିଁ ଲେଖ । ଅବଶ୍ୟ ଏଥିରେ ସଫଳ ହେବ ।' ଏହି ସ୍ୱପ୍ନାଦେଶ ତୁଳସୀଙ୍କ ମନରେ ଆଣିଦେଲା ଆଶା ସଞ୍ଜୀବନୀ । ସେ ସେହି ମୁହୂର୍ତ୍ତରେ କାଶୀ ନଗର ଛାଡ଼ି ଅଯୋଧାକୁ ଗଲେ । ସେଠାରେ ସେ ଜଣେ ତପସ୍ୱୀଙ୍କୁ ବଟବୃକ୍ଷ ମୂଳରେ ଧାନସ୍ଥ ଥିବାର ଦେଖିବାକୁ ପାଇଲେ । ତପସ୍ୱୀ ଜଣକ ତାଙ୍କୁ ପାଖକୁ ଡାକି ସେ ବଟବୃକ୍ଷ ମୂଳରେ ବସି ରାମଙ୍କ

ସେ ଗୁଣଗାନ କରିବାକୁ କହି ଅଦୃଶ୍ୟ ହୋଇଗଲେ । ବାସ୍ ଏହି ସ୍ଥାନରେ ବସି ତୁଳସୀ ଦାସ ହିନ୍ଦୀ ଭାଷାରେ ଲେଖି ଚାଲିଲେ ପ୍ରଭୁ ଶ୍ରୀରାମଙ୍କ ଅଲୌକିକ ମହିମା ଗାଥା । ଦୁଇବର୍ଷ ସାତମାସ ଛବିଶ ଦିନର ଅକ୍ଳାନ୍ତ ପରିଶ୍ରମର ଫଳ ସ୍ୱରୂପ ସେ ଏହି ସଂସାରକୁ ଯେଉଁ ଅମୂଲ୍ୟ ଗ୍ରନ୍ଥଟି ଉପହାର ଦେଇଥିଲେ, ତାହା ହେଉଛି ହିନ୍ଦୀ ରାମାୟଣ- 'ରାମଚରିତ ମାନସ ।'

'ରାମଚରିତ ମାନସ' ଲେଖା ସରିବା ପରେ ତୁଳସୀ ଦାସ ଗ୍ରନ୍ଥଟିକୁ ନେଇ ବିଶ୍ୱନାଥ ମନ୍ଦିରରେ ରଖିଦେଲେ । ସକାଳେ ଦେଖାଗଲା, ଗ୍ରନ୍ଥର ଉପରେ ଲେଖାଯାଇଛି – 'ସତ୍ୟ, ଶିବ, ସୁନ୍ଦର । ଲୋକମାନେ ଏହାକୁ ପଢ଼ି ବହୁତ ଖୁସି ହେଲେ ଏବଂ ତୁଳସୀ ଦାସଙ୍କୁ ପ୍ରଶଂସାରେ ପୋତି ପକାଇଲେ । ହେଲେ କାଶୀ ନଗରର ପଣ୍ଡିତମାନେ ଏହାକୁ ସହି ନପାରି ଈର୍ଷାରେ ଜଳିଗଲେ । ସେମାନେ ଏହି ମହାନ୍ ଗ୍ରନ୍ଥକୁ ଚୋରେଇ ନେବାକୁ ମନସ୍ଥ କଲେ । ତେଣୁ ସେମାନେ ଦୁଇଜଣ ଚୋରଙ୍କ ହାତରେ ଏହି ଗୁରୁ ଦାୟିତ୍ୱ ଅର୍ପଣ କଲେ । କିନ୍ତୁ ଚୋର ଦୁହିଁଙ୍କ ପଥରୁଦ୍ଧ କଲେ ଦୁଇଜଣ ଧନୁର୍ଦ୍ଧାରୀ ଯୁବକ । ଏହା ଦେଖି ଚୋର ଦୁଇଜଣ ଚିତ୍କାର ଛାଡ଼ିଲେ । ଏଥିରେ ନିଦ ଭାଙ୍ଗିଗଲା ତୁଳସୀ ଦାସଙ୍କର । ସେ ଉଠି ବସିଲେ । ଚୋର ଦୁହେଁ ଦେଖିଲେ, ଜଗିଥିବା ଯୁବକ ଦୁଇଜଣ କୁଆଡ଼େ ଅନ୍ତର୍ଦ୍ଧାନ ହୋଇ ଯାଇଛନ୍ତି । ସେମାନେ ସାଧୁଙ୍କ ଚରଣରେ ପଡ଼ି ନିଜର ଭୁଲ ପାଇଁ କ୍ଷମା ମାଗିଲେ ଏବଂ ସେହି ଯୁବକ ଦୁଇଜଣଙ୍କ ସମ୍ପର୍କରେ ପଚାରିଲେ । ସନ୍ଥ ତୁଳସୀ ଦାସ ଟିକିଏ ଧାନ କରି ଆନନ୍ଦରେ ଗଦ୍‌ଗଦ୍ ହୋଇ କହିଲେ ଯେ ସେମାନେ ରାମଚନ୍ଦ୍ର ଓ ଲକ୍ଷ୍ମଣଙ୍କ ଦର୍ଶନ ପାଇଛନ୍ତି । ଏହା ପରେ ତୁଳସୀ ଦାସଙ୍କ ମହିମା ଚତୁର୍ଦ୍ଦିଗକୁ ବ୍ୟାପିଗଲା । ସମସ୍ତେ ତାଙ୍କୁ ଧନ୍ୟ ଧନ୍ୟ କଲେ । ପଣ୍ଡିତମାନଙ୍କ ଗର୍ବ ଓ ଅହଙ୍କାର ଭାଙ୍ଗି ଯାଇଥିଲା ।

ମହାକାବ୍ୟ ରାମଚରିତ ମାନସ ବିଶ୍ୱର ୧୦୦ଟି ସର୍ବଶ୍ରେଷ୍ଠ ଲୋକପ୍ରିୟ କାବ୍ୟ ମଧରୁ ୪୬ତମ ସ୍ଥାନରେ ରହିଛି । ଏକ ଲୋକପ୍ରିୟ ଲୋକଗ୍ରନ୍ଥ ଭାବରେ ସମଗ୍ର ଉତ୍ତର ଭାରତରେ ଏହାକୁ ଭକ୍ତି ସହକାରେ ପାଠ କରାଯାଏ । ପ୍ରେମମୟ ଭଗବାନ ଶ୍ରୀରାମଚନ୍ଦ୍ରଙ୍କ ଜୀବନର ପ୍ରଶଂସନୀୟ ଅଭିବ୍ୟକ୍ତି ଏହି ଗ୍ରନ୍ଥକୁ ପଞ୍ଚମବେଦର ମାନ୍ୟତା ପ୍ରଦାନ କରାଯାଇଛି । ଏପରି ଏକ ଅମୂଲ୍ୟ ଗ୍ରନ୍ଥ ରଚନା କାରଣରୁ ଗୋସ୍ୱାମୀ ତୁଳସୀ ଦାସଙ୍କୁ ମହର୍ଷି ବାଲ୍ମିକୀଙ୍କ ଅବତାର ବୋଲି କୁହାଯାଏ । ତାଙ୍କ ରଚିତ ୧୨ ଗୋଟି ଗ୍ରନ୍ଥ ହିନ୍ଦୀ ସାହିତ୍ୟକୁ ଗୋଟିଏ ଗୋଟିଏ ଅମୂଲ୍ୟ ଉପହାର । ଭକ୍ତି ଯୁଗର ଶ୍ରେଷ୍ଠ କୃତୀ ମଧରେ ତୁଳସୀ ଦାସଙ୍କ 'ରାମଚରିତ ମାନସ'ର ସ୍ଥାନ ସବୁଠୁ ଉର୍ଦ୍ଧ୍ୱରେ । ସନ ୧୬୮୦ ଶ୍ରାବଣ ମାସ ଶୁକ୍ଳପକ୍ଷ ସପ୍ତମୀ ତିଥିରେ ଗୋସ୍ୱାମୀ ସ୍ୱର୍ଗାରୋହଣ କରିଥିଲେ ।

## ଆଜିର ଚିନ୍ତନ

**ରା**ମାୟଣ ମହାଗାଥା ପାଇଁ ଯିଏ ନିଜ ସୁଦୃଢ଼ ଲେଖନୀ ଚାଳନା କରି କାଳ କାଳକୁ ଅମର ହୋଇଛନ୍ତି, ସେ ହେଉଛନ୍ତି ମହାକବି ବାଲ୍ମୀକି । ଯିଏ ଦସ୍ୟୁ ରତ୍ନାକର ନାମରେ ପରିଚିତ । ସେ ନାରଦଙ୍କୁ ଗୁରୁ କରିଥିଲେ । ନାରଦ ମୁନି ହିଁ ତାଙ୍କୁ ରାମ କୁହାଇବାର ପ୍ରୟାସରେ ମରା ମରା ଜପାଇଥିଲେ । ଆଉ ସମସ୍ତ କଳୁଷ ହରଣ କରାଇଥିଲେ । ରାମ ନାମ ବ୍ରହ୍ମ ଅକ୍ଷରକୁ ପ୍ରଦାନ କରିଥିଲେ । ପ୍ରକୃତରେ ଦସ୍ୟୁ ରତ୍ନାକର ବା ମହର୍ଷି ବାଲ୍ମିକୀ ହେଉଛନ୍ତି ମହର୍ଷି ଚ୍ୟବନ ଓ ସୁକନ୍ୟାଙ୍କ ସୁପୁତ୍ର ରତନ କୁମାର । ସବୁ ବିଦ୍ୟା ଶିକ୍ଷା ପରେ ଅପରାଶକ୍ତି ବ୍ରହ୍ମବିଦ୍ୟା ଶିଖିବାର ଆଶା ନେଇ ଘୋର ତପସ୍ୟା ଆଚରଣ କଲେ । ଦେବରାଜ ଇନ୍ଦ୍ର ତାଙ୍କ ତପସ୍ୟାରେ ଇନ୍ଦ୍ରପଦ ଯିବାର ଭୟ ପାଇ ତାଙ୍କ ଉପରେ ବଜ୍ରାଦି ଚାରିମେଘ ବର୍ଷା କରି ସଂକଟ ଏବଂ ଭୟ ସୃଷ୍ଟି କରାଇଲେ । ତଥାପି ସେ ବିଚଳିତ ନହୋଇ ତପସ୍ୟା ଆଚରଣ ଜାରି ରଖିଥିଲେ । ଏଥିପାଇଁ ସମସ୍ତେ ବିଷ୍ଣୁଙ୍କ ନିକଟରେ ଅଭିଯୋଗ କଲେ । ବିଷ୍ଣୁ ସମସ୍ତଙ୍କୁ ଆଶ୍ୱସ୍ତ କରାଇ ଆସୁଥିବା ସମୟକୁ ଅପେକ୍ଷା କରିବାକୁ କହିଲେ । ସମସ୍ତ ଦେବଗଣ ସ୍ୱସ୍ଥାନ ଚାଲିଗଲେ । ଏମିତି କିଛି ଦିନ ପରେ ତମସା ନଦୀରେ ବନ୍ୟା ଆସିଲା । ପାଖ ଶବରପଲ୍ଲୀର ଝିଅଟିଏ ସ୍ନାନ କରିବା ସମୟରେ, ହଠାତ୍ ଗୋଡ଼ ଖସିଯିବା ଯୋଗୁଁ ଜଳରେ ଭାସିଗଲା । ଭାସିଯିବା ସମୟରେ ସେ ଚିତ୍କାର କରି ଡାକିଲା ରକ୍ଷାକର, ଏ ନଦୀର ବଢ଼ିପାଣିରୁ ରକ୍ଷାକର । ଏ ଆର୍ତ୍ତନାଦ ରତନ କୁମାର କାନରେ ପଡ଼ିଲା ଏବଂ ସେ ସେହି ବ୍ରହ୍ମବିଦ୍ୟା ଅପରାଶକ୍ତି ବୋଲି ମନେକରି ବଢ଼ିପାଣିକୁ ଡେଇଁ ପଡ଼ିଲେ । ନିଜର ସାହସ ଓ ପରାକ୍ରମରେ ତାକୁ ଉଦ୍ଧାର କଲେ । କିନ୍ତୁ ଶେଷରେ ତାହାରି ରୂପରେ ମୋହଗ୍ରସ୍ତ ହୋଇ ରତନ କୁମାର ଶବରପଲ୍ଲୀରେ ହିଁ ଯାଇ ରହିଲେ । ଆଉ ଶବରମାନଙ୍କ ପରି ଚୋରି, ହତ୍ୟା, ଲୁଣ୍ଠନ କରିବାରେ ଲାଗିଲେ । ଆଉ ଭୁଲିଗଲେ ନିଜର ସେଇ ବ୍ରହ୍ମବିଦ୍ୟା ସାଧନା କଥା । ତଦନନ୍ତରେ ସେ ଭେଟ ହୁଅନ୍ତି ଦେବର୍ଷି ନାରଦଙ୍କ ସହିତ । ଘଟଣାକ୍ରମେ ସେ ନାରଦଙ୍କ ସାନ୍ନିଧ ପାଇ ମରା ମରା ଜପ ଆରମ୍ଭ କରିବାକୁ ଲାଗିଲେ । ଜପ କରୁ କରୁ ଉଇହୁଙ୍କାରେ ପରିଣତ ହେଲେ । ତପସ୍ୟାର ପରିପୂର୍ଣ୍ଣ ଅବକାଶରେ ବ୍ରହ୍ମଦେବ ଏବଂ ଦେବର୍ଷି ନାରଦ ତାଙ୍କୁ ମହର୍ଷିରେ ପରିଣତ କରାଇଲେ । ସେଇ ମହର୍ଷି ବାଲ୍ମିକୀ ତମସା ନଦୀର ଶାନ୍ତ ପରିବେଶରେ ନିଜର ଆଶ୍ରମ ତୋଳାଇ ନିଜର ସାଧନାରେ ଲିପ୍ତ ରହିଥିଲେ । ଥରେ ସେ ନିଜର ଆଶ୍ରମ ସନ୍ନିକଟ ଜନୈକ ଶିକାରୀର ମର୍ମନ୍ତୁଦ କ୍ରୌଞ୍ଚ ପକ୍ଷୀ ଶିକାରକୁ ଦେଖି ଏତେ ବିହ୍ୱଳିତ ହୋଇ ଯାଇଥିଲେ ଯେ, ସେଇ ଦୃଶ୍ୟରୁ ଅନୁପ୍ରାଣିତ ହୋଇ ବିଶାଳ ରସମୟ ରାମାୟଣ ଲେଖିବାର ମନସ୍ଥ କରିଥିଲେ । ଆଉ ଲେଖିଥିଲେ ମଧ ଭାରତ ବର୍ଷର ସବୁଠାରୁ ବଡ଼ ମହାଗାଥା ମର୍ଯ୍ୟାଦାପୁରୁଷ, ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ରଙ୍କ ଜୀବନ କାହାଣୀ ରାମାୟଣ । ଆଉ ଏହି ଗ୍ରନ୍ଥର ପ୍ରଥମ ଶ୍ଳୋକଟି ଥିଲା "ମା ନିଷାଦଂ ପ୍ରତିଷ୍ଠାଂତ୍ୱମଗମଃ ଶାଶ୍ୱତୀଃ ସମାଃ । ଯତକ୍ରୌଞ୍ଚମୈଥୁନାଦେକଂ ବଧିଃ କାମ ମୋହିତମ୍" ।

# କଳିଯୁଗେ ହରି ନାମ ସାର

**କ**ଳି ଯୁଗର ବାତାବରଣ ଭିତରେ ଆଧାତ୍ମିକ ଉପାସନାର ବିଧି କ୍ରମଶଃ ଦୁର୍ବଳ ହୋଇ ପଡୁଛି । ସୃଷ୍ଟିକର୍ତ୍ତା ବିଷ୍ଣୁଙ୍କୁ ପୂଜନ ନ କରି ଲୋକେ ଭ୍ରମରେ ପଡୁଛନ୍ତି । କଳ୍ପ ଆରମ୍ଭ କାଳରେ ଦେବଗଣଙ୍କ ଜିଜ୍ଞାସାର ସମାଧାନରେ ବ୍ରହ୍ମଦେବ ଚାରିଯୁଗରେ ବିଷ୍ଣୁ ଉପାସନାର ବିଧିବିଧାନ ଶୁଣାଇ କହିଥିଲେ- "ସତ୍ୟ ଯୁଗରେ ତପ ଧାନ । ତ୍ରେତୟା ଯୁଗରେ ଯଜ୍ଞ କର୍ମ । ଦ୍ୱାପରେ ଅର୍ଚ୍ଚନ ବନ୍ଦନ । କଳି ଯୁଗରେ ହରି ନାମ ବେଦ ବେଦାନ୍ତ ଯଜ୍ଞ ଅନୁଷ୍ଠାନ କଳିଯୁଗରେ ଶାନ୍ତି ଓ ମୋକ୍ଷର ଦ୍ୱାରର ନୁହେଁ । ଏହି କ୍ରମରେ ଶ୍ରୀମଦ୍ ଭାଗବତ ମହାପୁରାଣରେ ବର୍ଣ୍ଣିତ ଉପାଖ୍ୟାନକୁ ବିଚାର କରିବା । ପ୍ରାଚୀନ କାଳରେ ପ୍ରାଚୀନବର୍ହି ନାମରେ ଜଣେ ରାଜା ଥିଲେ । ସେ ମୋକ୍ଷ ପ୍ରାପ୍ତି ନିମନ୍ତେ ଶତାଧିକ ଯଜ୍ଞ ଅନୁଷ୍ଠାନ କରାଇ ରାଜ୍ୟର କୋଣ ଅନୁକୋଣରେ କୁଶର ପାହାଡ଼ ସୃଷ୍ଟି କରିଥିଲେ । ତାହା ଦେଖି ଦେବର୍ଷି ନାରଦ କହିଲେ-ହେ' ପ୍ରାଚୀନବର୍ହି, ଚାରିବେଦର ବିସ୍ତାରିତ ରୂପକୁ ତର୍ଜମା କଲେ ତାହାର ଆଦି ଅନ୍ତ ନ ଥାଏ । ଯେଉଁ ସାଧୁଜନେ ଈଶ୍ୱରଙ୍କୁ ବେଦ ମାର୍ଗରେ ପାଇବା ପାଇଁ ବେଦବିହିତ ଯଜ୍ଞ କର୍ମରେ ଇନ୍ଦ୍ରାଦି ଦେବଗଣଙ୍କୁ ପୂଜନ୍ତି ସେମାନେ ଭ୍ରମରେ ପଡ଼ି ପରଂବ୍ରହ୍ମଙ୍କୁ ଭୁଲି ଯାଆନ୍ତି । ଭକ୍ତି ନ ଥାଇ ଭାବ ପ୍ରବଣତାରେ ଯେଉଁ ଯଜ୍ଞ କରାଯାଏ ତାହା ପୂର୍ବର ଜ୍ଞାନ ଓ ପୁଣ୍ୟକୁ ବିନାଶ କରିଥାଏ । ତେଣୁ ବୁଦ୍ଧି ମଳିନ ଥିବା ପର୍ଯ୍ୟନ୍ତ ମନୁଷ୍ୟ ବେଦ ବେଦାନ୍ତ କର୍ମରେ ଲୟ ରଖନ୍ତି । ଫଳରେ ଆତ୍ମତତ୍ତ୍ୱରେ ପ୍ରବେଶ କରିବା ସମ୍ଭବ ହୋଇ ନ ଥାଏ । ହେ'ରାଜା, ତୁମ୍ଭେ ଭକ୍ତିପଥ ନାମଜପକୁ ଛାଡ଼ି ବୈଦିକ କର୍ମକାଣ୍ଡକୁ ପରମାର୍ଥ ମାର୍ଗ ଚିନ୍ତିଲ । ଏହା ସତ୍ତ୍ୱେ ବର୍ଷା ଅଭାବରୁ ଶସ୍ୟଦାନ ଉତ୍ପନ୍ନ ହେଲା ନାହିଁ । ଦୁର୍ଭିକ୍ଷ ହେତୁ ପଶୁପକ୍ଷୀ ଓ ଅନେକ ପ୍ରଜା ପ୍ରାଣ ହରାଇଲେ । ଏବେ ତୁମ୍ଭେ ଭାଳିହୁଅ, ପ୍ରଜାଙ୍କ ମୃତ୍ୟୁ ପାଇଁ ତୁମ୍ଭ ଭଳି ଅଜ୍ଞାନୀ ରାଜା ଦାୟୀ ନୁହଁନ୍ତି କି ?

ସେହିପରି ପଞ୍ଚମ ସ୍କନ୍ଧର ଦ୍ୱାଦଶ ଅଧାୟରେ ରାଜା ରହୁଗଣ ଓ ଜଡ଼ ଭରତଙ୍କ ଚରିତ ବର୍ଣ୍ଣନା କରା ଯାଇଛି । ରାଜାଙ୍କ ପ୍ରଶ୍ନରେ ଜଡ଼ ଭରତ କଳି ଯୁଗରେ ବେଦ ବେଦାନ୍ତ ଯଜ୍ଞ କର୍ମକୁ ନାପସନ୍ଦ କରି ରହୁଗଣଙ୍କୁ କହିଲେ-"ବିବିଧ ତପ ଯଜ୍ଞ କର୍ମ । କି ଅବା ବେଦ ଅଧୟନ ଏ ଆଦି ଯେତେ ହେ ରାଜନ । ସକଳ ଶ୍ରେଷ୍ଠ ଭକ୍ତ ଜନହେ' ରାଜା, ମନୁଷ୍ୟ ତପସ୍ୟା, ଯଜ୍ଞ, ବେଦ ଅଧୟନ, ବୈଦିକ କର୍ମ, ଜଳ, ଅଗ୍ନି, ସୂର୍ଯ୍ୟ ଉପାସନା ଆଦି ଯେତେ ଯାହା କଲେ ମଧ ସେଥିରୁ ପରମାତ୍ମଜ୍ଞାନ ସହଜରେ ମିଳିପାରେ ନାହିଁ । ଭକ୍ତି ଚେତନା ସୁଦୃଢ଼ ହୋଇଗଲେ ସ୍ୱୟଂ ଜଗଦ୍‌ଗୁରୁ ଶ୍ରୀକୃଷ୍ଣ ତତ୍ତ୍ୱଜ୍ଞାନ ପ୍ରଦାନ କରନ୍ତି । କଳି ଯୁଗରେ ଶ୍ରୀହରିଙ୍କ ନାମଜପ ହେଉଛି ସର୍ବ ସାର ।

ସେହିପରି ଶ୍ରୀମଦ୍ ଭଗବତଗୀତା ଦଶମ ଅଧାୟ ବିଭୂତି ଯୋଗରେ ଭଗବାନ କହିଲେ - 'ଯଜ୍ଞାନାଂ ଜପଯଜ୍ଞୋସ୍ମିସ୍ଥାବରାଣାଂ ହିମାଳୟଃ । କଳିଯୁଗର ମାନବଙ୍କ ଉଦ୍ଦେଶ୍ୟରେ ପ୍ରଭୁ କହିଲେ-ସ୍ଥାବର ମାନଙ୍କରେ ମୁଁ ହିମାଳୟ ପର୍ବତ । ଯଜ୍ଞମାନଙ୍କରେ ମୁଁ ଜପଯଜ୍ଞ ପ୍ରେମୀ । କଳିକାଳରେ ମନୁଷ୍ୟ ନାମର ମହିମା ନ ଜାଣି ଦୁଃଖ ଶୋକରେ ସନ୍ତାପିତ ହୁଅନ୍ତି । ନାମଜପକୁ ଶ୍ରଦ୍ଧାର ସହିତ ଅଭ୍ୟାସ କଲେ ଯେ କୌଣସି ଦୁରାବ୍ୟାଧି ମହା ମହାସଂକଟରୁ ଉଦ୍ଧାର ପାଇବା ନିଶ୍ଚିତ ହୋଇଯାଏ ।

ବର୍ଷ ୨୬, ସଂଖ୍ୟା- ୪୮ , ୨୭ ନଭେମ୍ବର - ୦୩ ଡିସେମ୍ବର ୨୦୨୨

# ଶିକ୍ଷା ଏକ ବ୍ୟବସାୟ ନୁହେଁ

**ଶି**କ୍ଷା ହେଉଛି ଭାରତୀୟ ମାନଙ୍କର ମୌଳିକ ଅଧିକାର । ଭାରତୀୟ ସମ୍ବିଧାନର ଭାଗ ୩ର ଅନୁଚ୍ଛେଦ ୧୨-୩୫ରେ ଉଲ୍ଲେଖ ୬ଟି ମୌଳିକ ଅଧିକାର ମଧ୍ୟରୁ ଶିକ୍ଷା ହେଉଛି ଅନ୍ୟତମ । ଶିକ୍ଷା ହେଉଛି ଏକ ଜାତିର ଆତ୍ମା ଓ ମୂଳପିଣ୍ଡ । ଯେମିତି ଯେଉଁ ବୃକ୍ଷର ମୂଳଭାଗ ଯେତେ ମଜଭୁତ ସେ ବୃକ୍ଷ ସେତେ ସୁଦୃଢ । ଠିକ୍ ସେହିପରି ଯେଉଁ ଦେଶର ଶିକ୍ଷା ବ୍ୟବସ୍ଥା ଯେତେ ସୁଦୃଢ ସେ ଦେଶ ସେତେ ଶକ୍ତିଶାଳୀ । ପ୍ରତ୍ୟେକ ଜାତି ଓ ପ୍ରତ୍ୟେକ ନାଗରିକ ତାର ପ୍ରଚଳିତ ଶିକ୍ଷା ବ୍ୟବସ୍ଥାକୁ ନେଇ ଗର୍ବ ଅନୁଭବ କରେ ।

ଗତ ନଭେମ୍ବର ୭ ତାରିଖରେ ମାନ୍ୟବର ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ମାମଲାର ବିଚାର କରି ଏକ ରାୟ ଦେଇଛନ୍ତି । ରାୟଟି ହେଲା ଶିକ୍ଷା ଏକ ବ୍ୟବସାୟ ନୁହେଁ ତେଣୁ ଶିକ୍ଷାକୁ ନେଇ କେହି ବ୍ୟବସାୟ କରି ଲାଭ ଅର୍ଜନ କରିପାରିବେ ନାହିଁ । ଶିକ୍ଷାଦାନ କରି ପ୍ରଚୁର ଅର୍ଥ ଉପାର୍ଜନ କରିବା ଯୁକ୍ତିସଙ୍ଗତ ନୁହେଁ । ଆହୁରି ମଧ କହିଛନ୍ତି କି କୋର୍ସ ଫି' କିମ୍ବା ଟ୍ୟୁସନ୍ ଫି ସର୍ବଦା ଶସ୍ତା ହେବା ଦରକାର । ମାମଲାଟି ଥିଲା ଆନ୍ଧ୍ର ପ୍ରଦେଶର । ଆଡମିଶନ ଆଣ୍ଡ ଫି ରେଗୁଲେଟୋରି କମିଟିଙ୍କ ଅନୁମୋଦନ କ୍ରମେ ଶିକ୍ଷାବର୍ଷ ୨୦୨୧- ୧୨, ୨୦୧୨-୧୩, ୨୦୧୩-୧୪ ପାଇଁ ଆନ୍ଧ୍ର ପ୍ରଦେଶ ସରକାର ବର୍ଦ୍ଧିତ ଫି' ଲାଗୁ କରିଥିଲେ । କିନ୍ତୁ ଶିକ୍ଷାବର୍ଷ ୨୦୧୭-୧୮ ପାଇଁ କମିଟିର ବିନାନୁମୋଦନରେ ରାଜ୍ୟ ସରକାରଙ୍କର ଆଦେଶନାମା ତା ୦୬ ସେପ୍ଟେମ୍ବର ୨୦୧୭ରେ ଡାକ୍ତରୀ ଛାତ୍ରଛାତ୍ରୀ ମାନଙ୍କ ପାଇଁ କୋର୍ସ ଫି ବୃଦ୍ଧି କଲେ । ବିଶେଷ କରି ଘରୋଇ ମେଡିକାଲ କଲେଜ ନିଜର ମେଡିକାଲ କୋର୍ସ ଫି ବାବଦକୁ ବର୍ଷକୁ ୨୪ ଲକ୍ଷ ଟଙ୍କା ସ୍ଥିର କଲେ ଯାହାକି ପୂର୍ବ ନିର୍ଦ୍ଧାରିତ ଫି ଠାରୁ ଏହା ଥିଲା ୭ ଗୁଣ ଅଧିକ । ଆନ୍ଧ୍ରପ୍ରଦେଶ ସରକାରଙ୍କର ଏହି ଭଳି ମନମାନି ନିଷ୍ପତ୍ତିକୁ ଚାଲେଞ୍ଜ କରି ଉଚ୍ଚ ନ୍ୟାୟାଳୟରେ କିଛି ରିଟ ପିଟିସନ ଦାୟର କରାଗଲା । ଫଳ ସ୍ୱରୂପ ସରକାରଙ୍କର ଏଭଳି ନିଷ୍ପତ୍ତିରେ ରୋକ ଲଗାଇଲେ ମାନ୍ୟବର ଉଚ୍ଚ ନ୍ୟାୟାଳୟ । ପରବର୍ତ୍ତୀ ପର୍ଯ୍ୟାୟରେ ଉଚ୍ଚ ନ୍ୟାୟାଳୟଙ୍କ ରିଟ୍ ପିଟିସନ ନମ୍ବର ୩୩୬୫୬/୨୦୧୮ ଓ ୮୨୧୦/୨୦୧୯ ନିଷ୍ପତ୍ତିକୁ ଚାଲେଞ୍ଜ କରି ଘରୋଇ ମେଡିକାଲ କଲେଜ (ନାରାୟଣ ମେଡିକାଲ କଲେଜ) ମାନ୍ୟବର ସୁପ୍ରିମ କୋର୍ଟର ଦ୍ୱାରସ୍ଥ ହୋଇଥିଲେ । ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଏମ. ଆର୍ ଶାହା ଓ ଜଷ୍ଟିସ ସୁଧାଂଶୁ ଧୂଳିଆଙ୍କୁ ନେଇ ଗଠନ ହୋଇଥିବା ବେଞ୍ଚ, ଉଚ୍ଚ ନ୍ୟାୟାଳୟର ନିଷ୍ପତ୍ତିକୁ କାଏମ ରଖି ରାୟ ଦେଇଥିଲେ କି ଶିକ୍ଷା ଏକ ଲାଭଦାୟକ ବ୍ୟବସାୟ ନୁହେଁ କି ଶିକ୍ଷାନୁଷ୍ଠାନ ବ୍ୟାବସାୟିକ ଲାଭ ପାଇଁ ନୁହେଁ । ଶିକ୍ଷାକୁ ଲାଭ ଉଦ୍ଦେଶ୍ୟରେ ବ୍ୟବହାର କରିବା ଆଦୌ ଗ୍ରହଣୀୟ ନୁହେଁ । କୋର୍ସ ଫି କିମ୍ବା ଟ୍ୟୁସନ ଫି ସର୍ବଦା ଉଚିତ ମୂଲ୍ୟର ହେବା ଦରକାର ଯାହା ସମାଜର ସବୁ ବର୍ଗ ଙ୍କୁ ସୁହାଇବ । ମାତ୍ରାଧିକ ଫି ଛାତ୍ର ଛାତ୍ରୀଙ୍କ ଉପରେ ମାନସିକ ଚାପ ସୃଷ୍ଟି କରୁଛି । ଏତଦ୍ ବ୍ୟତୀତ ଘରୋଇ ମେଡିକାଲ କଲେଜ ନେଇଥିବା ଅଧିକ ଅର୍ଥକୁ ଛାତ୍ରଛାତ୍ରୀଙ୍କୁ ଫେରସ୍ତ କରିବା ସହ ସଂପୃକ୍ତ କଲେଜ ଓ ଆନ୍ଧ୍ର ପ୍ରଦେଶ ସରକାରଙ୍କୁ ୬ ସପ୍ତାହ ମଧରେ ୨.୫ ଲକ୍ଷ ଟଙ୍କା ଲେଖାଏଁ ଆର୍ଥିକ ଦଣ୍ଡ ଦାଖଲ କରିବା ପାଇଁ ଆଦେଶ ଦେଇଛନ୍ତି । ୨୦୦୬ରେ ଆନ୍ଧ୍ର ପ୍ରଦେଶ ସରକାର ପ୍ରଫେସନାଲ କୋର୍ସ ପାଇଁ କୋର୍ସ ଫି' ସ୍ଥିରୀକୃତ ସମ୍ବନ୍ଧରେ ଏକ ଆନ୍ଧ୍ର ପ୍ରଦେଶ ଆଣ୍ଡ ଫି' ରେଗୁଲେଟରି କମିଟି ଗଠନ କରିଥିଲେ । ୨୦୦୬ର ସେହି ରୁଲ ୪ ଅନୁସାରେ କୋର୍ସ ଫି ସ୍ଥିରୀକୃତ ସମ୍ପର୍କରେ ନିର୍ଦ୍ଦିଷ୍ଟ ମାପଦଣ୍ଡ ସ୍ଥିର କରାଯାଇଥିଲା । ସେହି ରୁଲ ଅନୁସାରେ ବୃତ୍ତିଗତ ଘରୋଇ ଅଣ-ଅନୁଦାନ ପ୍ରାପ୍ତ ଶିକ୍ଷାନୁଷ୍ଠାନ ଗୁଡ଼ିକର ଫି ନିର୍ଦ୍ଧାରଣ ସାଧାରଣତଃ ଶିକ୍ଷାନୁଷ୍ଠାନର ଅବସ୍ଥିତି, ଭିତ୍ତିଭୂମିର ସଂରଚନା, ପରିଚାଳନାରେ ଖର୍ଚ୍ଚ ହେଉଥିବା ଅର୍ଥ ଇତ୍ୟାଦି ଆଧାରରେ ହେବାର ବିଧି ବ୍ୟବସ୍ଥା ଅଛି । ଏହି ରୁଲ୍‌ର ଆଧାରରେ ଶିକ୍ଷାନୁଷ୍ଠାନ ଗୁଡିକ କୋର୍ସ ଫି ସ୍ଥିର କରିବା ଉଚିତ୍ ବୋଲି ମାନ୍ୟବର ଉଚ୍ଚତମ ନ୍ୟାୟାଳୟ ନିଷ୍ପତ୍ତି ଶୁଣାଇଛନ୍ତି ।


ସାମ୍ପ୍ରତିକ ପରିସ୍ଥିତିରେ ଯଦି ଆମେ ଓଡ଼ିଶାର ଶିକ୍ଷା ବ୍ୟବସ୍ଥାକୁ ଦେଖିବା ତେବେ ଏହା ସବୁଠାରୁ ଅବହେଳିତ ଏବଂ ସମସ୍ୟାବହୁଳ । ସରକାର କିନ୍ତୁ ଯୋଜନା ପ୍ରସ୍ତୁତ କରି ଉପଯୁକ୍ତ ଭାବେ ଯୋଜନାର ବିଧିବଦ୍ଧ ପ୍ରୟୋଗ କଲେ ହୁଏତ କେତେକାଂଶରେ ଏହାର ସୁଫଳ ମିଳିପାରନ୍ତା । ନିକଟରେ ସାରା ବିଶ୍ୱ କୋଭିଡ ମହାମାରୀ ସହ ସଂଗ୍ରାମ ଚଳାଇଥିଲା । ସେ ସମୟରେ ଲକ୍ ଡାଉନ୍, ସଟ ଡାଉନ୍ ଓ କର୍ଫ୍ୟୁ ଭଳି ପନ୍ଥା ଆପଣାଇ ବାକୁ ପଡ଼ିଲା । ଅତ୍ୟାବଶ୍ୟକ ସାମଗ୍ରୀକୁ ଛାଡ଼ିଦେଲେ ଅନ୍ୟ ସମସ୍ତ ବିଭାଗକୁ ବନ୍ଦ କରିଦିଆଗଲା । ଏଥିରୁ ଅନୁମେୟ କି ଶିକ୍ଷା ବୋଧହୁଏ ଅତ୍ୟାବଶ୍ୟକ ସାମଗ୍ରୀ ନୁହେଁ । ବିଳମ୍ବରେ ହେଉପଛେ ଶିକ୍ଷାଦାନର ବିକଳ୍ପ ବ୍ୟବସ୍ଥାକୁ ଆମେ ଆପଣେଇଥିଲେ ମଧ ଏହାର ପ୍ରୟୋଗାତ୍ମକ ଚିତ୍ରର ବାସ୍ତବତା ଆମକୁ ବେଶ୍ ଭଲ ଭାବେ ଜଣା । ଏହି ବ୍ୟବସ୍ଥାରେ ଯଦି ସୁଧାର ନ ଆସେ ତାହେଲେ ଭବିଷ୍ୟତ ଅନ୍ଧକାରମୟ ଏଥିରେ ସନ୍ଦେହ ନାହିଁ । ସ୍ୱାଧୀନତାର ଦୀର୍ଘ ୭୫ ବର୍ଷ ପରେ ଭିନ୍ନ ଭିନ୍ନ ସମୟରେ ରାଜ୍ୟ ସରକାର ବିଭିନ୍ନ ପ୍ରକାରର ଶିକ୍ଷା କମିଶନ, ଶିକ୍ଷା କମିଟି, ସର୍ବ ଶିକ୍ଷା ଅଭିଯାନ, ଶିକ୍ଷା ଅଧିକାର ଆଇନ୍, ପ୍ରଣୟନ କରିଥିଲେ ମଧ ଆମେ ଆଜି ଶିକ୍ଷା କ୍ଷେତ୍ରରେ କୌଣସି ଖାସ୍ ସଫଳତା ପାଇନାହୁଁ । ଆର୍ଥିକ ବର୍ଷ ୨୦୨୨-୨୩ ପାଇଁ ଓଡ଼ିଶା ସରକାର ଶିକ୍ଷା ବ୍ୟବସ୍ଥାରେ ଗତ ଆର୍ଥିକ ବ୍ୟବସ୍ଥା ତୁଳନାରେ ୧୨ ପ୍ରତିଶତ ଅଧିକ ବ୍ୟୟ ବରାଦ କରିଛନ୍ତି । ସମଗ୍ର ଶିକ୍ଷା, ମଧାହ୍ନ ଭୋଜନ, ମୋ ସ୍କୁଲ, ମୋ କଲେଜ, ବେସରକାରୀ ଅନୁଦାନ ପ୍ରାପ୍ତ କଲେଜ, ୧୦୦ ଟି ଉତ୍କର୍ଷ ବିଦ୍ୟାଳୟର ସ୍ମାର୍ଟ କ୍ଲାସ ରୁମ୍ ଆଦର୍ଶ ବିଦ୍ୟାଳୟ ଓ ଛାତ୍ର ବୃଦ୍ଧି ଆଦି କ୍ଷେତ୍ରରେ ମଧ ବ୍ୟାପକ ଅର୍ଥ ବିନିଯୋଗ କରିବାପାଇଁ ନିଷ୍ପତ୍ତି ନେଇଛନ୍ତି । ଶିକ୍ଷା କ୍ଷେତ୍ରରେ ରୂପାନ୍ତରିକରଣ, ଦରିଦ୍ରରୁ ଦରିଦ୍ର୍ୟ ତମଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ସୂଚନା ଓ ପ୍ରଯୁକ୍ତି ବିଦ୍ୟାର ମଧ ବ୍ୟବହାର, ମୋ ସ୍କୁଲ ଓ ମୋ କଲେଜ ଅଭିଯାନ ମାଧମରେ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଗୁଡିକରେ ଭିତ୍ତିଭୂମିର ବ୍ୟାପକ ପୁନର୍ବିନ୍ୟାସ କରିବା ସହ ଶୈକ୍ଷିକ ପରିବେଶ ସୃଷ୍ଟି କରିବା ପାଇଁ ଲକ୍ଷ୍ୟ କରାଯାଇଛି ।

ଦୁର୍ବଳ ମାନସିକତା, ଭିତ୍ତିଭୂମିର ଅଭାବ, ଶିକ୍ଷାର ପ୍ରଚାର ପ୍ରସାର, ଉପଯୁକ୍ତ ଯୋଜନାର ଅଭାବ ହିଁ ଆମ ବିଫଳତାର ମୁଖ୍ୟ କାରଣ । କୌଣସି ଏକ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଏହାର ସମ୍ଭାବ୍ୟ ସମସ୍ୟା ତଥା ଯୋଜନାଟି କାର୍ଯ୍ୟକାରୀ ପରେ ଏହାର ପୂର୍ଣ୍ଣାଙ୍ଗ ରୂପରେଖକୁ ପୁଙ୍ଖାନୁପୁଙ୍ଖ ଭାବେ ପର୍ଯ୍ୟାଲୋଚନା କରିବା ଦରକାର । ସରକାରୀ ଶିକ୍ଷାନୁଷ୍ଠାନର ବିକଳ ଚିତ୍ର ତଥା ଉପଯୁକ୍ତ ଭିତ୍ତିଭୂମିର ଅଭାବ କଥା ହେଉ କିମ୍ବା ୧୯୯୧ ମସିହାର ନୂତନ ଅର୍ଥନୈତିକ ପଲିସି ଅନୁସାରେ ଉଦାରୀକରଣ, ଜଗତୀକରଣ ଓ ଘରୋଇକରଣ କଥା ହେଉ ଶେଷରେ ଶିକ୍ଷା ବ୍ୟବସ୍ଥାରେ ଅନେକ ଗୁଡ଼ିଏ ଘରୋଇ ଶିକ୍ଷାନୁଷ୍ଠାନକୁ ସରକାର ଅନୁମୋଦନ ଦେଲେ । ବର୍ଣ୍ଣାଢ଼୍ୟ ପରିବେଶ ଓ ଉପଯୁକ୍ତ ପରିଚାଳନା ବ୍ୟବସ୍ଥା ମଧରେ ଅନେକ ଗୁଡ଼ିଏ ସ୍ୱୟଂ ଅର୍ଥ ପରିଚାଳନା କଲେଜ ଗୁଡ଼ିକ ମଧ ଗଢି ଉଠିଲା । ଖାଲି ଆନ୍ଧ୍ରପ୍ରଦେଶ ନୁହେଁ ଅଧିକାଂଶ ରାଜ୍ୟରେ ଏହିଭଳି ଅନେକ ଘରୋଇ ଶିକ୍ଷାନୁଷ୍ଠାନର ଅଭ୍ୟୁଦୟ ଫଳରେ ଯଦିଓ ଶିକ୍ଷା ବ୍ୟବସ୍ଥାରେ କିଛି ମାତ୍ରାରେ ଆଶ୍ୱସ୍ତି ଆସିଛି କିନ୍ତୁ ଘରୋଇ ଅନୁଷ୍ଠାନ ଗୁଡ଼ିକ ପାଇଁ ସରକାରଙ୍କର କୌଣସି ସ୍ୱତନ୍ତ୍ର ଗାଇଡଲାଇନ ନାହିଁ । ସରକାରୀ ବାବୁମାନଙ୍କ ଉଦାସୀନତା କାରଣରୁ ଘରୋଇ ଶିକ୍ଷାନୁଷ୍ଠାନ ଗୁଡିକ ଲାଭଜନକ ସଂସ୍ଥାରେ ପରିଣତ ହୋଇଗଲାଣି । କୋର୍ସ ଫି ସ୍ଥିରୀକୃତ କରିବା ପାଇଁ ମଧ କୌଣସି ଏକବିଦ୍ଧ ନୀତି ପ୍ରଣୟନ ହୋଇନାହିଁ ।

ଯେଉଁଠି ଭାରତୀୟ ସମ୍ବିଧାନ ମାଗଣା ଶିକ୍ଷାର ମୌଳିକ ଅଧିକାର କଥା କହୁଛି ସେଠି ଶିକ୍ଷା ପାଇଁ ଦେବାକୁ ପଡୁଛି ଆଶାଠାରୁ ଅନେକ ଅଧିକ । ଯଦି ଏହିଭଳି ପ୍ରକ୍ରିୟା ଲାଗିରହେ ଅନେକ ମେଧାବୀ ଓ ଗରିବ ଛାତ୍ର ଅର୍ଥ ଅଭାବରୁ ଉପଯୁକ୍ତ ଶିକ୍ଷାରୁ ବଞ୍ଚିତ ହେବେ ଏଥିରେ ସନ୍ଦେହ ନାହିଁ । ଏହି ପରିସ୍ଥିତି ରେ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ଏହିଭଳି ନିଷ୍ପତ୍ତି ନିଶ୍ଚିତ ରୂପେ ସ୍ୱାଗତ ଯୋଗ୍ୟ । ନିକଟରେ ୧୦ ପ୍ରତିଶତ ଆର୍ଥିକ ଦୁର୍ବଳ ଶ୍ରେଣୀର ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସଂରକ୍ଷଣ ର ବ୍ୟବସ୍ଥା କରିଛନ୍ତି ନ୍ୟାୟାଳୟ । ଏହା କୁହା ଯାଇପାରେ କି ଶିକ୍ଷାଦାନକୁ ନିଜର ଲାଭଜନକ ଭାବେ ନ ନେଇ ଉପଯୁକ୍ତ ଫି ମାଧମରେ ଶିକ୍ଷାଦାନ କଲେ ନିଶ୍ଚିତ ରୂପେ ଗରିବ ଏବଂ ମେଧାବୀ ଛାତ୍ର ଛାତ୍ରୀ ମାନେ ଅନ୍ୟୁନ ପକ୍ଷେ ଉପକୃତ ହେବେ । ଶିକ୍ଷା ଏକ ଲାଭଜନକ ବ୍ୟବସାୟ ନୁହେଁ ବୋଲି ଦେଇଥିବା ମନ୍ତବ୍ୟକୁ ସରକାର ହୃଦୟଙ୍ଗମ କରିବା ଦରକାର । ଉପଯୁକ୍ତ ସମୟରେ ମାନ୍ୟବର ସୁପ୍ରିମ କୋର୍ଟଙ୍କ ନିଷ୍ପତ୍ତି ଗରିବ ମେଧାବୀ ଛାତ୍ର ଛାତ୍ରୀ ମାନଙ୍କ ପାଇଁ ସଂଜୀବନୀ ସଦୃଶ । ଆମ ଦେଶରେ ଶିକ୍ଷାର ଗୁଣାତ୍ମକ ମାନର ବିକାଶ ନିମନ୍ତେ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ପାଇଁ ଯେଉଁ ପ୍ରୟାସ ଜାରି ରହିଛି ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ ।

# ଆହାର

## ମହାତ୍ମା ଗାନ୍ଧୀ



**ଚ**ରିତ୍ରଗଠନ ତଥା କାମନାକୁ ଆପଣାର ଅଧୀନ କରି ରଖିବା କ୍ଷେତ୍ରରେ ଆହାରକୁ ଅତ୍ୟଧିକ ମହତ୍ୱ ଦେବା ଆଦୌ ଠିକ୍ ନୁହେଁ । ଆହାର ହେଉଛି ଏକ ଶକ୍ତିଶାଳୀ କ୍ଷେତ୍ର ଏବଂ ତାହାର ଅବହେଳା କରାଯାଇ ପାରିବ ନାହିଁ । ମାତ୍ର, ଭାରତବର୍ଷରେ ଅନେକ ସମୟରେ ଯେପରି ହୋଇଥାଏ, ଆହାରର ଭୂମି ଉପରେ ଧର୍ମର ସାରକଥାକୁ ହାତମୁଠା ଭିତରେ ଆବଦ୍ଧ କରି ଧରିବା, ଆହାର ବିଷୟରେ ସମସ୍ତ ପ୍ରକାର ସଂଯମକୁ ଭୁଲି ଆପଣା ରସନାକୁ ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିବା ପରି ଏଇଟି ମଧ ସମାନ ଭାବରେ ଭୁଲ । ନିରାମିଷ ଆହାର ହିନ୍ଦୁଧର୍ମର ଗୋଟିଏ ଅମୂଲ୍ୟ ଅବଦାନ ଏବଂ ତାହାକୁ କଦାପି ହାଲୁକା ଭାବରେ ଉଡ଼ାଇ ଦେଇହେବ ନାହିଁ । ତେଣୁ, ନିରାମିଷ ଆହାର ଆମର ମନ ବା ଶରୀରକୁ ଦୁର୍ବଳ କରି ପକାଇଛି, ଆମକୁ ନିଷ୍କ୍ରିୟ ଅର୍ଥାତ୍ କ୍ରିୟାଶୀଳତାର କ୍ଷେତ୍ରରେ ମାନ୍ଦା କରି ରଖିଛି, ଏହିସବୁ ଭୁଲ ଧାରଣାକୁ ସଂଶୋଧନ କରିବାକୁ ପଡ଼ିବ । ମହାନ୍ ହିନ୍ଦୁ ସଂସ୍କାରକମାନେ ସେମାନଙ୍କ ସମୟରେ ସବୁଠାରୁ ଅଧିକ କ୍ରିୟାଶୀଳ ହୋଇ ରହିଥିଲେ ଏବଂ ସେମାନେ ବ୍ୟତିକ୍ରମହୀନ ଭାବରେ ସମସ୍ତେ ନିରାମିଷାଶୀ ଥିଲେ । ଶଙ୍କର ବା ଦୟାନନ୍ଦ ସେମାନଙ୍କ କାଳରେ ଯେଉଁ ସକ୍ରିୟତା ଦେଖାଇ ପାରିଥିଲେ, ତାହାଠାରୁ ଆଉ କିଏ ଅଧିକ ସକ୍ରିୟ ହୋଇ ପାରିବ ?

ଆହାର-ନିର୍ବାଚନ ଧର୍ମକୁ ନିର୍ଭର କରି ରହିବା ଉଚିତ ନୁହେଁ । ଏହି ବ୍ୟାପାରଟିକୁ ପ୍ରତ୍ୟେକ ବ୍ୟକ୍ତି ନିଜର ବିଚାରବୁଦ୍ଧି ଦ୍ୱାରା ସ୍ଥିର କରିବ । ବିଶେଷତଃ ପାଶ୍ଚାତ୍ୟ ଜଗତରେ ନିରାମିଷ ଆହାର ବିଷୟରେ କେତେ ପରିମାଣର ଏକ ସାହିତ୍ୟ ବିକଶିତ ହୋଇ ଆସିଛି, ଯାହାକୁ ପାଠ କଲେ ପ୍ରତ୍ୟେକ ସତ୍ୟାନ୍ୱେଷୀ ବ୍ୟକ୍ତି ଲାଭବାନ ହୋଇ ପାରିବ । ଚିକିତ୍ସାବିଜ୍ଞାନ- କ୍ଷେତ୍ରର ଅନେକ ବ୍ୟକ୍ତି ଏହି ସାହିତ୍ୟରେ ଲେଖା ଲେଖିଛନ୍ତି । ଭାରତବର୍ଷରେ ଆମେ ନିରାମିଷ ଆହାର କ୍ଷେତ୍ରରେ କେବେ କୌଣସି ପ୍ରୋତ୍ସାହନ ଆବଶ୍ୟକ କରିନାହୁଁ । କାରଣ, ଏପର୍ଯ୍ୟନ୍ତ ତାହାକୁ ଏକ ସବୁଠାରୁ ଅଧିକ କାମ୍ୟ ଓ ଅଧିକ ସମ୍ମାନଜନକ ବିଷୟରୂପେ ଗ୍ରହଣ କରି ନିଆଯାଇଛି । ଅବଶ୍ୟ, ଯେଉଁମାନଙ୍କର ସଂକଳ୍ପ ସ୍ଥିର ହୋଇ ନାହିଁ, ସେମାନେ ଇଚ୍ଛା କଲେ ନିରାମିଷ ଆହାରର ପ୍ରବର୍ତ୍ତନ ପାଇଁ ହେଉଥିବା କ୍ରମବର୍ଦ୍ଧମାନ ଆନ୍ଦୋଳନଟିକୁ ଅଧ୍ୟୟନ କରି ପାରିବେ ।

ରସନାର ତୃପ୍ତି ପାଇଁ ନୁହେଁ, ଶରୀରକୁ ବଞ୍ଚାଇ ରଖିବାକୁ ହିଁ ଆହାର ଗ୍ରହଣ କରିବା ଉଚିତ । ପ୍ରତ୍ୟେକଟି ଇନ୍ଦ୍ରିୟାଙ୍ଗ ଶରୀରର ଅଧୀନରେ ରହି ଯେତେବେଳେ ତାହାର ସେବା କରିବେ ଓ ଶରୀର ମାଧମରେ ଆତ୍ମାର ସେବା କରିବେ, ସେତେବେଳେ ତାହାର ବିଶେଷ ଆକର୍ଷଣଟି ଆଉ ମୋଟେ ରହିବ ନାହିଁ ଏବଂ ତାହା, ସିଏ ଯେପରି କାର୍ଯ୍ୟ କରୁ ବୋଲି ପ୍ରକୃତି ଇଚ୍ଛା କରିଥିଲା, ସେହିପରି ଭାବରେ କାର୍ଯ୍ୟ କରିବ । ପ୍ରକୃତି ସହିତ ଏହି ଐକତାନଟିକୁ ଅର୍ଜନ କରିବାକୁ ହେଲେ ଯେତେ ଅଧିକ ପ୍ରୟୋଗ କଲେ ମଧ ତଥାପି ଯଥେଷ୍ଟ ହେବ ନାହିଁ ଏବଂ ଯେତେ ତ୍ୟାଗ କଲେ ମଧ ତାହା କଦାପି ବେଶୀ ବଡ଼ ହୋଇଯିବ ନାହିଁ । ମାତ୍ର, ଦୁର୍ଭାଗ୍ୟକ୍ରମେ, ପ୍ରବାହଟି ସର୍ବଦା ବିପରୀତ ଦିଗରେ ହିଁ ବହିବାରେ ଲାଗିଛି । ଏହି ନଶ୍ୱର ଦେହକୁ ସଜାଇ ରଖିବାପାଇଁ ଏବଂ ଆଉ କେତୋଟି ଅସ୍ଥାୟୀ କ୍ଷଣ ନିମନ୍ତେ ତାହାର ଅସ୍ତିତ୍ୱକୁ ପ୍ରଲମ୍ବିତ କରି ପାରିବା ପାଇଁ ବହୁସଂଖ୍ୟକ ଅନ୍ୟ ଜୀବନକୁ ବିସର୍ଜନ ଦେବାରେ ଆମେ ଆଦୌ ଲଜ୍ଜିତ ଅନୁଭବ କରୁନାହୁଁ । ଫଳରେ ଆମେ ନିଜକୁ ହତ୍ୟା କରୁଛୁ, ନିଜର ଶରୀର ଏବଂ ଆତ୍ମା ଉଭୟକୁ ହତ୍ୟା କରୁଛୁ । ଗୋଟିଏ ପୁରାତନ ରୋଗକୁ ଭଲ କରିବାକୁ ଯାଇ ଆମେ ଆହୁରି ଶହେ ନୂଆ ରୋଗକୁ ଜନ୍ମ ଦେଉଛୁ । ଇନ୍ଦ୍ରିୟଗତ ସୁଖର ଉପଭୋଗ କରିବାକୁ ଉଦ୍ୟମ କରି ଆମେ ପରିଶେଷରେ ଉପଭୋଗ ନିମନ୍ତେ ରହିଥିବା ଆମର ସାମର୍ଥ୍ୟକୁ ମଧ ହରାଇ ଦେଉଛୁ । ଏସବୁ ଆମ ଆଖି ଆଗରେ ଘଟିବାରେ ଲାଗିଛି । ମାତ୍ର, ଯେଉଁମାନେ ଏହାକୁ ଦେଖିବେ ନାହିଁ ବୋଲି ସ୍ଥିର କରିଛନ୍ତି, ସେମାନଙ୍କଠାରୁ ବଳି ବଡ଼ ଅନ୍ଧ ଆଉ କିଏ ଅଛି ?

ମଣିଷ ଯାହା ଖାଏ, ସେହି ଅନୁସାରେ ସେ ଯାହାକିଛି ହେବାର ହୁଏ– ଏହି ଉକ୍ତି ବହୁ ପରିମାଣରେ ସତ୍ୟ । ଆମର ଖାଦ୍ୟ ଯେତିକି ସ୍ଥୂଳ ହେବ, ଶରୀର ମଧ ସେତିକି ସ୍ଥୂଳ ହେବ ।

# ଓଜନ ବୃଦ୍ଧି ପାଇଁ ବ୍ୟାକ୍ଟେରିଆ ଦାୟୀ



ବର୍ତ୍ତମାନ ମେଦବହୁଳତା ବା ଓବେସିଟି ଏକ ସାଧାରଣ ସମସ୍ୟା ପାଲଟିଗଲାଣି । ତେବେ ଏପରି ସ୍ୱାସ୍ଥ୍ୟଜନିତ ସମସ୍ୟା ଲାଗି ବ୍ୟାକ୍ଟେରିଆ ଦାୟୀ ବୋଲି ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି । ମେଦବହୁଳତା ପଛରେ ଆଉ କି କି କାରଣ ରହିଛି ତାହା ଜାଣିବା ପାଇଁ ୟୁନିଭର୍ସିଟି ଅଫ ସିଓଲ ପକ୍ଷରୁ ଏକ ଗବେଷଣା କରାଯାଇଥିଲା । ଶରୀର ଭିତରେ ଥିବା କେତେକ ବ୍ୟାକ୍ଟେରିଆଙ୍କୁ ଉକ୍ତ ୟୁନିଭର୍ସିଟିର ବିଶେଷଜ୍ଞମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ । ଏହି ସମୟରେ ସେମାନେ ଏଭଳି କେତେକ ବ୍ୟାକ୍ଟେରିଆ ଠାବ କରିଥିଲେ ଯେଉଁମାନେ ମେଦ ବହୁଳତା ପରି ସମସ୍ୟା ସୃଷ୍ଟି କରିବାରେ ଅନେକାଂଶରେ ସାହାଯ୍ୟ କରିଥାଆନ୍ତି । ଉକ୍ତ ବ୍ୟାକ୍ଟେରିଆଟି ହେଲା ଫ୍ଲୋରା । ତେବେ ଏହି ବ୍ୟାକ୍ଟେରିଆର ଆଉ କ'ଣ ଖରାପ ଗୁଣ ରହିଛି ତାହାକୁ ତର୍ଜମା କରାଯାଉଛି ।

# ସ୍ୱର୍ବେଦ

**ସନ୍ତ ନାମ ଗୁରୁ ଆଦି କା, ତାହି**
**ଅମତ ମତ ସନ୍ତ ।**
**ସମ୍ପ୍ରଦାୟ ୱେ ଜଗ ନହିଁ, ନିତ୍ୟ**
**ସନାତନ ସନ୍ତ ॥୭୦॥**

ଭାଷ୍ୟ - ଆଦି ଗୁରୁଙ୍କର ନାମ ସନ୍ଥ ଅଟେ । ତାଙ୍କର ଚେତନ ପଥକୁ ସନ୍ଥ ପଥ କହିଥାନ୍ତି । ସେହି ସନାତନ ସନ୍ଥ ମତ ଜଗତର ସମସ୍ତ ମତବାଦ ଠାରୁ ଭିନ୍ନ ଅଟେ ।

**ସନ୍ତ ସନାତନ ଅମତ ହୈ, ସବ**
**ମତ ପର ମତ ଏକ ।**
**ମହିମା ଶ୍ରୁତି ପ୍ରତିପାଦ୍ୟ ହୈ, ଋଷି**
**ମୁନି ସେୱିତ ନେକ ॥୭୧॥**

ଭାଷ୍ୟ - ସମସ୍ତ ମତର ଉପରେ ସର୍ବ ପୂଜ୍ୟ ଏକମାତ୍ର ସନାତନ, ସନ୍ଥ ମତ ଅଟେ ଯାହାର ମହିମା ଚାରି ବେଦରେ ଗାନ କରାଯାଇଛି ଏବଂ ମୁନି ଋଷି ନିଜର କଲ୍ୟାଣ କଳ୍ପେ ଯାହାର ଅନୁଗମନ କରିଥାନ୍ତି ।

**ସନ୍ତ ଧାର ଅଧ୍ୟାତ୍ମ ହୈ, ପର**
**ଅପରା ଗମ ଭେଦ ।**
**ଦେୱ ସଦାଫଲ ଗୁରୁ ମିଲୈ,**
**ଲଖେ ୱେଦ କା ଭେଦ ॥୭୨॥**

ଭାଷ୍ୟ - ସଦ୍‌ଗୁରୁ ସୁକୃତର ଧାର ଆଧ୍ୟାତ୍ମ ଅଟେ ଅର୍ଥାତ୍ ଅନାଦି ସଦ୍‌ଗୁରୁ ଦ୍ୱାରା ଏହି ବ୍ରହ୍ମବିଦ୍ୟା ସଂସାରରେ ପ୍ରକଟ ହୋଇଅଛି । ଯେତେବେଳେ ସଦ୍‌ଗୁରୁ ପଦ ପ୍ରାପ୍ତ ହୁଏ, ସେତେବେଳେ ପରା ଆଉ ଅପରା ଏହି ଦୁଇ ଭେଦର ଅନୁଭବ ତତ୍ତ୍ୱ ଜ୍ଞାନରୁ ବେଦର ରହସ୍ୟ ବିଦିତ ହୋଇଥାଏ । ବେଦର ରହସ୍ୟ ବ୍ରହ୍ମବିଦ୍ୟାର ଅନୁଭବ, ଗୁହ୍ୟ ଭେଦ ସାଧନ ଅଟେ, ଯାହା ଶ୍ରୋତ୍ରିୟ ବ୍ରହ୍ମନିଷ୍ଠ ସଦ୍‌ଗୁରୁ ଦ୍ୱାରା ସ୍ପଷ୍ଟ ବିଦିତ ହୋଇଥାଏ ।

**॥ ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ,**
**ଚତୁର୍ଥ ଅଧ୍ୟାୟ ଭାଷ୍ୟ ସମାପ୍ତ ॥**

## ପଞ୍ଚମ ଅଧ୍ୟାୟ


**ଯୋଗୀ ଐସା ଚାହିୟେ, ନିଜ**
**ବଲ ପ୍ରେମ ସ୍ୱଭାୱ ।**
**ୱୃତ୍ତି ଗମ୍ଭୀର ସମୁଦ୍ର ସମ, ମହିମା**
**ଯୋଗ ପ୍ରଭାୱ ॥୦୧॥**

ଭାଷ୍ୟ - ଜୀବନ୍ମୁକ୍ତ ଯୋଗୀ ନିଜ ବଳ, ପ୍ରେମ, ସ୍ୱଭାବକୁ ଗୋପନ ରଖି ସମୁଦ୍ର ସମାନ ନିଜ ବୃତ୍ତିକୁ ଗମ୍ଭୀର ରଖନ୍ତୁ - ଏହା ଯୋଗେଶ୍ୱରଙ୍କର ମହତ୍ତ୍ୱ ଅଟେ ।

**ଯୋଗୀ ଇଚ୍ଛା ଜୋ କରେ, ପ୍ରଥମ**
**ୱିୱେକ ୱିଚାର ।**
**ବିନୁ ୱିଚାର ମେଁ କଷ୍ଟ ହୈ, ହମ**
**ଦୁଖ ହୋତ ଅପାର ॥୦୨॥**

ଭାଷ୍ୟ - ପ୍ରଥମେ ପୂର୍ଣ୍ଣ ବିବେକ କରିବା ପରେ ହିଁ କୌଣସି ପଦାର୍ଥର ଇଚ୍ଛା କରିବା ଉଚିତ । ବିଚାର ନ କରି କୌଣସି କାର୍ଯ୍ୟ କଲେ ଭବିଷ୍ୟତରେ ତାହାର ପରିଣାମ କଦାପି ଉତ୍ତମ ହୋଇ ନ ଥାଏ । ଯାହା ଫଳରେ ମନକୁ କଷ୍ଟ ହୋଇଥାଏ । ଗ୍ରନ୍ଥକାରଙ୍କୁ କୌଣସି କୌଣସି କାର୍ଯ୍ୟର ସ୍ୱତଃ ଅନୁଭବ ହୋଇଛି । ସେ ଅତ୍ୟନ୍ତ କଷ୍ଟ ସ୍ୱୀକାର କରିଛନ୍ତି, ଯାହାର ଭାବ ଏହି ଦୋହାରେ ସ୍ପଷ୍ଟ ଜଣାପଡୁଛି ।

**ସନ୍ତ ହୋତ ପରମାରଥୀ ସହଜ**
**କରେ ଉପକାର ।**



**ମେଘ ୱୃକ୍ଷ ସରିତା ଧରା, ପର**
**ହିତ ଇନ ସବ କାର ॥୦୩॥**

ଭାଷ୍ୟ - ସନ୍ଥଜନ ପରୋପକାରୀ ହୋଇଥାନ୍ତି । ଉପକାର କରିବା ସେମାନଙ୍କର ସହଜାତ ସ୍ୱଭାବ ଅଟେ । ମେଘ, ବୃକ୍ଷ, ନଦୀ ଆଉ ପୃଥିବୀ - ଅନ୍ୟର ହିତ କରିବା ଏମାନଙ୍କର କାର୍ଯ୍ୟ ଅଟେ ।

**ଜ୍ଞାନ ୱୃତ୍ତି ହୈ ସନ୍ତ କୀ, ଭୋଜନ**
**ସାଧନ ସୋୟ ।**
**ଅଳ୍ପ ଦେୟ ବହୁ ଦେତ ହୈଁ,**
**ଅମିତ ଲାଭ ଜଗ ହୋୟ ॥୦୪॥**

ଭାଷ୍ୟ - ସନ୍ଥ ମହାତ୍ମାମାନଙ୍କର ଭୋଜନ ସାଧନର ବୃତ୍ତି ଜ୍ଞାନ-ଶିକ୍ଷାର ହୋଇଥାଏ । ସେମାନଙ୍କର ଅଳ୍ପ ସେବା ଦ୍ୱାରା ସଂସାରକୁ ଅତ୍ୟନ୍ତ ଲାଭ ହୋଇଥାଏ ।

**ଯୋଗୀ ଯୋଗ ପ୍ରଭାୱ ସେ,**
**ପୂଜିତ ଜଗ ମହଁ ହୋୟ ।**
**ନିଧି ଅକ୍ଷୟ ହୈ ଯୋଗ ବଲ,**
**ତ୍ୟାଗ ଜଗତ ବଲ ସୋୟ ॥୦୫॥**

ଭାଷ୍ୟ - ଯୋଗୀ ନିଜ ଯୋଗର ପ୍ରଭାବରୁ ସମସ୍ତ ସଂସାରରେ ପୂଜ୍ୟ ହୋଇଥାନ୍ତି । ତାଙ୍କର ଯୋଗ ବଳ ଅକ୍ଷୟ କୋଷ ସଦୃଶ ଅଟେ, ଯାହାର ବଳକୁ ସଂସାରୀ ଜନ ତ୍ୟାଗ କରିଥାନ୍ତି । ଆଧ୍ୟାତ୍ମିକ ଶକ୍ତିର ପ୍ରଭାବ ଅତ୍ୟନ୍ତ ଶ୍ରେଷ୍ଠ ଅଟେ, ଯାହା ପ୍ରଭୁ ଉପସନା ଦ୍ୱାରା ଯୋଗୀକୁ ପ୍ରାପ୍ତ ହୋଇଥାଏ । ସଂସାରୀ ଜନଙ୍କୁ ସେହି ଯୋଗ ଶକ୍ତି ଏବଂ ପ୍ରଭୁ ଉପସନାରେ ପ୍ରେମ ହୋଇ ନ ଥାଏ । ସେମାନେ କ୍ଷଣିକ ମାୟା ରୂପକ ସୁଖରେ ଭ୍ରମିତ ହୋଇଥାନ୍ତି । ସେମାନେ ନିଜ ବଳ ଆଉ ପ୍ରଭୁଙ୍କର ଶକ୍ତିର ଜ୍ଞାନ ରଖି ନ ଥିବାରୁ ସଂସାରରେ ଦୁଃଖମୟ ଜୀବନ ଅତିବାହିତ କରୁଛନ୍ତି ।

**ଅଜଗର କା ପ୍ରଣ ଖୂବ ବନା,**
**ଭୋଜନ କହିଁ ନହିଁ ଜାୟ ।**
**ଜୋ ଆୱେ ସୋଇ ପାୱତା, ସନ୍ତ**
**ରହନି କୋଇ ଆୟ ॥୦୬॥**

ଭାଷ୍ୟ - ଅଜଗର ସର୍ପ ନିଜର ପ୍ରତିଜ୍ଞାରେ ଏତେ ଅଟଳ ଯେ ସେ ଭୋଜନ ନିମନ୍ତେ କଦାପି କୁଆଡ଼େ ଯାଏ ନାହିଁ । ଅନୁଭବୀ ସନ୍ଥଗଣ ଏପରି ରହିଥାନ୍ତି । ଆଦିତ୍ୟ ଜ୍ଞାନଯୋଗୀ ନିଜ ପୂର୍ଣ୍ଣ ବିବେକରୁ ଏକାନ୍ତରେ ଯୋଗ ସମାଧିରେ ନିରତ ରହିଥାନ୍ତି । ଜୀବନ ରକ୍ଷା ନିମନ୍ତେ ତାଙ୍କ ସମ୍ମୁଖରେ ସମସ୍ତ ପଦାର୍ଥ ସ୍ୱତଃ ଆସି ଉପସ୍ଥିତ ହୋଇଯାଏ । ଏହା ପ୍ରଭୁଭକ୍ତ ଅନୁଭବୀ ସନ୍ଥର ବିଲକ୍ଷଣତା ଅଟେ, ଯାହାକୁ ପ୍ରଭୁ ସ୍ୱୟଂ ପୂରଣ କରିଥାନ୍ତି ।

**ଭକ୍ତ ଭାର ପ୍ରଭୁ ପର ରହେ, ଭକ୍ତ**
**ସମର୍ପିତ ସୋୟ ।**
**ଯୋଗ କ୍ଷେମ ପ୍ରଭୁ ସବ କରେ,**
**ଭକ୍ତ ଭକ୍ତି ରତ ହୋୟ ॥୦୭॥**

ଭାଷ୍ୟ - ଆତ୍ମ ସମର୍ପିତ ଭକ୍ତର ସମସ୍ତ ଭରଣ ପୋଷଣ ପ୍ରଭୁ ବହନ କରିଥାନ୍ତି । ଭକ୍ତିରତ ଭକ୍ତର ଯୋଗ ଏବଂ କ୍ଷେମ ଅର୍ଥାତ୍ ସମସ୍ତ ପ୍ରକାର କଲ୍ୟାଣ ପ୍ରଭୁ ସ୍ୱୟଂ କରିଥାନ୍ତି ।

**ବ୍ରହ୍ମୱେତ୍ତା କୋ ଜଗତ ୟହ, ଉର**
**ସୁଷୋପ୍ତି ସମ ଭାସ ।**
**ଚେତନ ଦେଶ ନିୱାସ ହୈ,**
**ଜଗମଗ ଶବ୍ଦ ପ୍ରକାଶ ॥୦୮॥**

ଭାଷ୍ୟ - ବ୍ରହ୍ମନିଷ୍ଠ ଯୋଗୀଶ୍ୱରକୁ ବିହଙ୍ଗମ ଯୋଗ ସମାଧିରେ ଏହି ସଂସାର ସୁଷୁପ୍ତିର ନିଆଁ ହୃଦୟରେ ଭାସିତ ହୁଏ ଅର୍ଥାତ୍ ସମାଧିରେ ସୁଷୁପ୍ତି ସମାନ ସଂସାରର ସ୍ଥିତି ରହିଥାଏ । ଯୋଗୀ ଅନନ୍ତ ଚେତନ ପ୍ରକାଶକୁ ପ୍ରାପ୍ତକରି ପୂର୍ଣ୍ଣ ନିମଗ୍ନ ହୋଇ ଶାନ୍ତ ରହିଥାଏ । ତାକୁ ବାହ୍ୟ ପ୍ରକୃତିର ସୁଧି ରହେନାହିଁ । ସେଥିପାଇଁ ସୁଷୁପ୍ତିର ଉପମା ଏହି ଦୋହାରେ ପ୍ରଦାନ କରାଯାଇଛି ।

**ଅକ୍ଷୟ ଅମିତ ଭଣ୍ଡାର ସେ, କୀରୀ**
**କୁର ଖାୟ ।**
**ଜଗ ଭରତା ପ୍ରଭୁ ଆପ ହୈଁ, ଚିନ୍ତା**
**ଭକ୍ତ ନ ଆୟ ॥୦୯॥**

ଭାଷ୍ୟ - ଜଗତର କର୍ତ୍ତା ପରମେଶ୍ୱର ପ୍ରଭୁଙ୍କର ଅକ୍ଷୟ ଭଣ୍ଡାରରୁ ଜୀବଜନ୍ତୁମାନଙ୍କୁ ଭୋଜନ ପ୍ରାପ୍ତ ହୋଇଥାଏ । ସେଥିପାଇଁ ପ୍ରଭୁ ଭକ୍ତମାନଙ୍କୁ ନିଜ ପାଇଁ କୌଣସି ପ୍ରକାର ଚିନ୍ତା ହୋଇ ନ ଥାଏ ।

**ଅଧିଦୈୱିକ ଅଧ୍ୟାତ୍ମିକା,**
**ଅଧିଭୌତିକ ତ୍ରୟ ତାପ ।**
**ଜିୱନ୍ମୁକ୍ତ ମେଁ ନହିଁ ରହୈ, ମହିମା**
**ଭଜନ ପ୍ରତାପ ॥୧୦॥**

ଭାଷ୍ୟ - ଜୀବନ୍ମୁକ୍ତ ଯୋଗୀକୁ ଭଜନର ପ୍ରତାପରୁ ତ୍ରିତାପ ରହେ ନାହିଁ । ସେ ଜଳ କମଳବତ୍ ଏ ସମସ୍ତ ଦୁଃଖରୁ ବିମୁକ୍ତ ହୋଇ ନିଜ ପରମାନନ୍ଦର ପ୍ରଭାବରୁ ଆନନ୍ଦିତ ରହିଥାଏ ।

**ନିର୍ମଲ ଦର୍ପଣ ବିମ୍ବ ଜୈଁା, ଶୁଦ୍ଧ**
**ଆତ୍ମ ପ୍ରଭୁ ଆୱ ।**
**ଜ୍ଞାନ କର୍ମ ଗୁଣ ସବ ଦିଶେ, ଯୋଗ**
**ୱିକାଶ ପ୍ରଭାୱ ॥୧୧॥**

ଭାଷ୍ୟ - ଯେଉଁ ପ୍ରକାର ନିର୍ମଳ ଦର୍ପଣରେ ନିଜର ପ୍ରତିବିମ୍ବ ସ୍ପଷ୍ଟ ଦେଖାଯାଏ ସେହି ପ୍ରକାର ଯୋଗ ବିକାଶରୁ ପବିତ୍ର ପ୍ରଦୀପ୍ତ ଆତ୍ମାରେ ଚେତନ ପ୍ରଭୁଙ୍କର ସମସ୍ତ କର୍ମ, ଗୁଣ ଏବଂ ସ୍ୱଭାବ ସ୍ପଷ୍ଟ ପ୍ରକଟିତ ହୋଇଥାଏ ।

**ଗୁପ୍ତ ଜ୍ଞାନ ସଂସାର ମେଁ, ଯୋଗ**
**ସେ ପରକଟ ହୋୟ ।**
**ବ୍ରହ୍ମ ସୋତ ଯୋଗୀ ଚଲେ, ତବ**
**ସଦ୍‌ଗୁରୁ ପଦ ହୋୟ ॥୧୨॥**

ଭାଷ୍ୟ - ଯୋଗ ଦ୍ୱାରା ହିଁ ଗୁପ୍ତ ଜ୍ଞାନ ପ୍ରକଟିତ ହୋଇଥାଏ । ଏହି ଈଶ୍ୱରୀୟ ଜ୍ଞାନର ଧାରା ଯେତେବେଳେ ଯୋଗୀ ମଧ୍ୟରେ ପ୍ରକଟ ହୁଏ, ସେତେବେଳେ ସେ ସଦ୍‌ଗୁରୁ ପଦ ପ୍ରାପ୍ତ ହୋଇଥାଏ ।

**ଶ୍ରୁତ ଜ୍ଞାନ ସେ ଆପ୍ତ ହୈ,**
**ସମାଧିସ୍ଥ ଗୁରୁ ସୋୟ ।**
**ଅନୁଭୱ ୱେତ୍ତା ବ୍ରହ୍ମ କା, ମୟ**
**ସଧର୍ମ ଗୁଣ ହୋୟ ॥୧୩॥**

ଭାଷ୍ୟ - ସମାଧିସ୍ଥ ଆପ୍ତ ଗୁରୁଙ୍କ ଅନ୍ତରରେ ଶ୍ରୁତ ଜ୍ଞାନ ପ୍ରକଟିତ ହୋଇଥାଏ । ସେ ହିଁ ଈଶ୍ୱରୀୟ ଧର୍ମଗୁଣଯୁକ୍ତ ବ୍ରହ୍ମର ଅନୁଭବବେତ୍ତା ଅଟନ୍ତି । ସମାଧିସ୍ଥ ସଦ୍‌ଗୁରୁ ଦ୍ୱାରା ସଂସାରରେ ବ୍ରହ୍ମ ବିଦ୍ୟା ପ୍ରକଟ ହୋଇଥାଏ ।

**ଇନ୍ଦ୍ରିନ ଅନ୍ତଃକରଣ ୱେ, ମୂର୍ଦ୍ଧନ**
**ଧ୍ୱନିମୟ ନାଦ ।**
**ପ୍ରାଣ ଶକ୍ତି ହୈ ଯୋଗ କୀ,**
**ଯୋଗିନ ସମୟ ସୁସାଦ ॥୧୪॥**

ଭାଷ୍ୟ - ଇନ୍ଦ୍ରିୟ, ଅନ୍ତଃକରଣ ଏବଂ ପ୍ରାଣଶକ୍ତିର ଯୋଗରୁ ବ୍ରହ୍ମାଣ୍ଡରେ ଅନେକ ପ୍ରକାରର ସ୍ୱର ପ୍ରକଟିତ ହୋଇଥାନ୍ତି, ଯାହାକୁ କେବଳ ଯୋଗୀଜନ ଶୁଣି ପାରନ୍ତି ।

**ଆସନ ଚେତନ ବୈଠ କର,**
**ଯୋଗୀ କର ଉପଦେଶ ।**
**ବ୍ରହ୍ମୱିଦ୍ୟା ପରଚାର ହୈ, ୟହ**
**ସଦ୍‌ଗୁରୁ ଆଦେଶ ॥୧୫॥**

ଭାଷ୍ୟ - ଯୋଗୀ ନିଜ ଚେତନ ଭୂମିରେ ସ୍ଥିତ ହୋଇ ସଂସାରକୁ ବ୍ରହ୍ମବିଦ୍ୟାର ଉପଦେଶ କରନ୍ତୁ । ଏହା ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଆଦେଶ ଅଟେ । ନିତ୍ୟ ଅନାଦି ସଦ୍‌ଗୁରୁଙ୍କର ଆଦେଶ ନିୟମରେ ହିଁ ବ୍ରହ୍ମବିଦ୍ୟାର ଆଚାର୍ଯ୍ୟ ଉପଦେଶ କରିଥାନ୍ତି ।

**ଏକ ଅକେଲା ରହତ ହୈ, ତତ୍ତ୍ୱ**
**ୱେତ୍ତା ପରମାନ ।**
**ଓତ ପ୍ରୋତ ପ୍ରଭୁ ମିଲନ ହୈ,**
**ସମୟ ଦେତ ଜଗ ଜ୍ଞାନ ॥୧୬॥**

ଭାଷ୍ୟ - ପ୍ରଭୁ ଭକ୍ତିରେ ଓତଃପ୍ରୋତ ଅନୁଭବ ତତ୍ତ୍ୱଦର୍ଶୀ ସନ୍ଥ ଏକାକୀ ରହିଥାନ୍ତି ଏବଂ ସଂସାରର କଲ୍ୟାଣ ନିମନ୍ତେ ନିଜ ସମୟର ଉପଯୋଗ କରିଥାନ୍ତି ।

**ୱିଷୟ ନ ଜଡ଼ ଜଡ଼ କରଣ ସେ,**
**ହୋୟ ପ୍ରତ୍ୟେକ୍ଷ ସବ ଜ୍ଞାନ ।**
**ତୈଁା ଚେତନ ନିତ କରଣ ସେ,**
**ଅମର ଲୋକ ୱିଜ୍ଞାନ ॥୧୭॥**

ଭାଷ୍ୟ - ଆତ୍ମା ଚେତନ ଅଟେ, ସେଥିପାଇଁ ତାହାର କରଣ ମଧ୍ୟ ଚେତନ ଅଟେ । ଆତ୍ମା ଯେଉଁ ପ୍ରକାର ପ୍ରାକୃତିକ କରଣ ମାଧ୍ୟମରେ ଭୌତିକ ବିଷୟର ଉପଭୋଗ କରିଥାଏ, ସେହି ପ୍ରକାର ଚେତନ, ନିଜ କରଣରୁ ପ୍ରଭୁପ୍ରାପ୍ତି ତଥା ଜୀବନ୍ମୁକ୍ତି ଅବସ୍ଥାକୁ ପ୍ରାପ୍ତ କରିଥାଏ । ଜଡ଼ କରଣ ଦ୍ୱାରା ଭୌତିକ ଜ୍ଞାନ ଆଉ ଚେତନ କରଣ ଦ୍ୱାରା ଅମୃତ ପରମାନନ୍ଦର ବିଜ୍ଞାନ ପ୍ରାପ୍ତ ହୋଇଥାଏ । ପରଂବ୍ରହ୍ମ ପ୍ରାକୃତିକ ବିଜ୍ଞାନର ବିଷୟ ନୁହନ୍ତି, ବରଂ ପ୍ରକୃତି ପାର ଅନୁଭବ ଚେତନ ବିଜ୍ଞାନର ବିଷୟ ଅଟନ୍ତି । ବ୍ରହ୍ମବିଦ୍ୟା ବିଜ୍ଞାନ ଦ୍ୱାରା ଚେତନ ତତ୍ତ୍ୱଗୁଡ଼ିକର ଅପରୋକ୍ଷ ସାକ୍ଷାତ୍କାର ହୋଇଥାଏ ଆଉ ଆତ୍ମା ଏହି ଶରୀରରୁ ମୁକ୍ତ ହୋଇ ନିଜ ଶୁଦ୍ଧ ସ୍ୱରୂପକୁ ପ୍ରାପ୍ତ କରିଥାଏ । ଆତ୍ମାର ଆନନ୍ଦ ଚେତନ ଅଟେ, ଜଡ଼ ପ୍ରକୃତିର ବିଷୟ ନୁହେଁ ।

# ଆନେମିଆ ରୋଗୀ ଓ ଗୁଡ଼

**ଗୁ**ଡ଼ରେ ଅନେକ ପ୍ରକାର ସ୍ୱାସ୍ଥ୍ୟପକାରୀ ଗୁଣ ଭରି ରହିଛି । ବିଶେଷ ଭାବରେ ଶୀତଦିନେ ଗୁଡ଼ ଖାଇଲେ ତାହା ଶରୀରକୁ ଉଷ୍ମ ରଖୁଥାଏ । ଆପଣ ଥଣ୍ଡା, କାଶ, କଫଜନିତ ସମସ୍ୟା ସହ ଜଡ଼ିତ କି ? ଯଦି ହଁ, ତେବେ ପ୍ରତିଦିନ କିଛି ପରିମାଣରେ ଗୁଡ଼ ଖାଇଲେ ତାହା ଏଥିରୁ କେତେକାଂଶରେ ଉପଶମ ଦେଇଥାଏ । ଗୁଡ଼ ଶରୀରରେ ଏକ ଗୁରୁତ୍ୱପୂର୍ଣ୍ଣ କାମ କରିଥାଏ । କେତେକ କାରଣରୁ ଆମ ଶରୀରରେ ଆଇରନ୍ ମାତ୍ରା କମିଯାଏ । ଯଦି ଆପଣ ନିୟମିତ ଗୁଡ଼ ଖାଉଛନ୍ତି ତେବେ ଏହାର ପରିମାଣ ଅନେକାଂଶରେ ପୂରଣ ହୋଇଥାଏ । ଆନେମିଆ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ଲାଭପ୍ରଦ । ଗୁଡ଼ରେ ଆଣ୍ଟି-ଆଲର୍ଜି ତତ୍ତ୍ୱ ରହିଛି । ଆଜ୍‌ମା ରୋଗୀ ଏହାକୁ ନିଜର ଦୈନନ୍ଦିନ ଖାଦ୍ୟ ତାଲିକାରେ ସାମିଲ କରିପାରନ୍ତି । ଯଦି ଜଣେ ବ୍ୟକ୍ତି ନିୟମିତ ଗୁଡ଼ ଖାଆନ୍ତି ତେବେ ତାଙ୍କ ଶରୀରରେ ମେଟାବୋଲିମ୍ ପରିମାଣ ସନ୍ତୁଳିତ ରହିଥାଏ । ଏହା ପାଚନକ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ । ମାଇଗ୍ରେନ୍ ରୋଗୀଙ୍କ ପାଇଁ ଗୁଡ଼ ବେଶ୍ ଉପକାରୀ । ଏହା ମଧ ଭୋକଜନିତ ସମସ୍ୟାକୁ କେତେକାଂଶରେ ଦୂର କରିଥାଏ ।



## ଟିକିଏ ହସନ୍ତୁ

ସୋନୁ : ତୁ ଚାଇନିଜ୍ ପରି କାହିଁକି ଦେଖାଯାଉଛୁ ?
ଗର୍ଲଫ୍ରେଣ୍ଡ୍ : ମୋ ବାପା ଚୀନ୍‌ର ଥିଲେ ।
ସୋନୁ : ତୁ କେବେ ମତେ ତାଙ୍କ ସହିତ ଭେଟ କରିନୁ ?
ଗର୍ଲଫ୍ରେଣ୍ଡ୍ : ସେ ଏବେ ଆଉ ଏ ଦୁନିଆରେ ନାହାନ୍ତି ।
ସୋନୁ : ହଁ, ଚାଇନିଜ୍ ମାଲ୍ ଅଧିକ ଦିନ ପର୍ଯ୍ୟନ୍ତ କେବେ ରହିଲାଣି ।

× × ×

ଘର ଜ୍ୱାଇଁ : ଆଜିଠାରୁ ମୁଁ ରୁଟି ନୁହେଁ ଚାଉଳ ଖାଇବି ।
ଶାଶୂ : କାହିଁକି ?
ଘର ଜ୍ୱାଇଁ : ପଡ଼ୋଶୀ ଲୋକଙ୍କ କଟୁ କଥା ଶୁଣି ମୁଁ ଥକି ଗଲିଣି । ସବୁବେଳେ କହୁଛନ୍ତି ଶଶୂରଘର ରୁଟି ଖାଇ ସରାଉଛି ।

× × × ×

ଶିକ୍ଷକ : ସବୁଠୁ ଚତୁର ପ୍ରାଣୀ ନାଁ କହିଲୁ ?
ଗୋଲୁ : ହରିଣ ।
ଶିକ୍ଷକ : କେମିତି ?
ଗୋଲୁ : ସତ୍ୟଯୁଗରେ ପ୍ରଭୁ ରାମଙ୍କୁ ଫସାଇଥିଲା ଏବେ କଳିଯୁଗରେ ସଲମାନକୁ ।

× × × ×



ସ୍ୱାମୀ ସ୍ତ୍ରୀ ଦୋକାନରେ ଝଗଡ଼ା କରୁଥିଲେ ।
ସ୍ତ୍ରୀ : ଏଇ ଛୋଟ ଗ୍ଲାସ୍ ନେବା ।
ସ୍ୱାମୀ : ନାହିଁ, ଆଉ ଟିକେ ବଡ଼ ଗ୍ଲାସ୍ ନେବା ।
ଦୋକାନୀବାଲା : ସାର୍ କାହିଁକି ଝଗଡ଼ା କରୁଛନ୍ତି । ମ୍ୟାଡାମ୍ ଯୋଉ ଗ୍ଲାସ୍ କହୁଛନ୍ତି ନେଇ ଯାଆନ୍ତୁ ।
ସ୍ୱାମୀ : ଆରେ ସେଇ ଛୋଟ ଗ୍ଲାସ୍ ଭିତରେ ମୋ ହାତ ପଶିବନି । ମୁଁ ତା'କୁ ମାଜିବି କେମିତି ?

× × × ×

ସ୍ୱାମୀ : ଶୋଷ ଲାଗୁଛି ପାଣି ଗ୍ଲାସ୍ ଆଣିଲ ।
ସ୍ତ୍ରୀ : ମୁଁ ଆଜି ତୁମକୁ ମଟର ପନିର ବନେଇକି ଦେବି ।
ସ୍ୱାମୀ : ବାଃ ବାଃ ମୁହଁରେ ପାଣି ଆସିଗଲାଣି ।
ସ୍ତ୍ରୀ : ପାଣି ଆସିଗଲାଣି ନା ଏଇଥିରେ କାମ ଚଳେଇ ଦିଅ ।

× × × × × ×

ଗୋଲୁ : ତୁମେ ଦିନକୁ ଦିନ ସୁନ୍ଦରୀ ହୋଇ ଯାଉଛ ।
ସ୍ତ୍ରୀ : ସତରେ ତୁମେ କେମିତି ଜାଣିଲ ?
ଗୋଲୁ : ତୁମକୁ ଦେଖି ରୁଟି ବି ଜଳିବାକୁ ଲାଗିଲେଣି । ସେଥିପାଇଁ ମୁଁ ସବୁଦିନ ପୋଡା ରୁଟି ଖାଉଛି ।

× × × × × ×

ସ୍ତ୍ରୀ : ଆଜି ସନ୍ଧ୍ୟାରେ ଘରକୁ ଜଲଦି ଆସିବ ।
ସ୍ୱାମୀ : କାହିଁକି ?
ସ୍ତ୍ରୀ : ମୋ ବାପଘର ଲୋକ ଆସୁଛନ୍ତି ।
ସ୍ୱାମୀ : ଆଜି ସନ୍ଧ୍ୟାରେ ମୁଁ ବହୁତ ବ୍ୟସ୍ତ । ଆସିପାରିବିନି । କିଏ କିଏ ଆସୁଛନ୍ତି ?
ସ୍ତ୍ରୀ : ମୋ ଦୁଇ ଭଉଣୀ ।
ସ୍ୱାମୀ : ଆରେ ଡାର୍ଲିଙ୍ଗ, ତୁମ ଭଉଣୀ ମୋର ବି କିଛି ଲାଗିବେ । ମୁଁ ପକ୍କା ଟାଇମ୍‌ରେ ଆସିଯିବି ।

## କମଳାର ଉପକାରିତା

କମଳା ଖାଇବାକୁ କାହାକୁ ବା ଭଲ ନ ଲାଗେ । ଏହାର ଖଟା ମିଠା ସ୍ୱାଦ ପିଲାଠୁ ଆରମ୍ଭ କରି ବୁଢ଼ା ପର୍ଯ୍ୟନ୍ତ ସଭିଁଙ୍କ ମନକୁ ମୋହିନିଏ । ଏଥିରେ ପ୍ରଚୁର ପରିମାଣର ଭିଟାମିନ ସି ରହିଛି । ପ୍ରତିଦିନ କମଳା ଜୁସ୍ ପିଇବା ଦ୍ୱାରା ସ୍କିନ୍ ହେଲ୍‌ଦୀ ରହିଥାଏ । ତ୍ୱଚା ସହିତ କେଶ ପାଇଁ ମଧ କମଳା ବହୁତ ଭଲ । ଆସନ୍ତୁ ଜାଣିବା କମଳାକୁ ଆଉ କେଉଁଭଳି ଭାବେ ବ୍ୟବହାର କରାଯାଇପାରେ ।

କମଳା ମିଠା ସ୍ୱାଦଯୁକ୍ତ ଆଣ୍ଟି ଅକ୍ସିଡାଣ୍ଟରେ ଭରପୁର ଫଳଟିଏ । ତ୍ୱଚାକୁ ସୁସ୍ଥ ରଖିବାକୁ କମଳା ବହୁତ ଭଲ । କମଳାରେ ପ୍ରାୟ ୮୮% ଭିଟାମିନ୍ ସି' ତତ୍ତ୍ୱ ରହିଥାଏ, ଯାହା ଆମ ଶରୀରରେ କୋଷିକା ଗଠନରେ ସହାୟକ ହୋଇଥାଏ ।

କମଳାରେ ଗଛିତ ଥିବା ପୋଷାକ ତତ୍ତ୍ୱ ମଧରେ ମାଙ୍ଗାନିଜ, ପୋଟାସିୟମ, ଲୌହ, କ୍ଲୋରିନ, ଜିଙ୍କ, ଫଲିକ ଏସିଡ୍,



ସୋଡିୟମ, ଫସଫରସ ଶରୀରକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ ।

କମଳାରେ ଚୋପା ଛଡ଼ାଇ ଖାଲି ଖାଇବା ବ୍ୟତୀତ ଏହାର ଜୁସ୍ ମଧ ଦେହପାଇଁ ବହୁତ ଭଲ ।

କମଳାକୁ କଷ୍ଟଡ ଭାବରେ ବ୍ୟବହାର କରାଯାଇଥାଏ । ପୂଜା ପାର୍ବଣରେ କମଳା ଭୋଗ ଲାଗୁଥିବା ବେଳେ ମହିଳାଙ୍କ ବ୍ରତ ଉପବାସ ସମୟରେ ଏହାକୁ ଖାଇବା ଦ୍ୱାରା ଶରୀରକୁ ଶକ୍ତି ମିଳିଥାଏ ।

କମଳାର ସ୍ମୁଦି, ସାଲାଡ, ସସ୍ ଭାବରେ ମଧ ବ୍ୟବହାର କରାଯାଇଥାଏ ।

କମଳାରେ ଥିବା ଆଣ୍ଟି ଅକ୍ସିଡାଣ୍ଟ ଗୁଣ ଫ୍ୟାଟ ସ୍ତରକୁ କମ୍ କରିଥାଏ । ପ୍ରତିଦିନ ୧ ଗ୍ଲାସ କମଳା ରସ ପିଇବା ଫଳରେ ଏହା ଆପଣଙ୍କ ବଢ଼ୁଥିବା ଓଜନକୁ କମ୍ କରିଥାଏ ।

ପ୍ରତିଦିନ ଗୋଟିଏ ଗ୍ଲାସ କମଳା ରସ ପିଇବା ଫଳରେ ତ୍ୱଚାରେ ଚମକ ଭରିଥାଏ ।

କମଳାରେ ଭିଟାମିନ୍ ସି' ଓ ସାଇଟ୍ରିକ୍ ଏସିଡ ପ୍ରଚୁର ମାତ୍ରାରେ ରହିଥିବା ହେତୁ ଏହା ପାଚନ ତନ୍ତ୍ରରୁ ଆଇରନ ଓ ଅବଶୋଷଣରେ ସାହାଯ୍ୟ କରିଥାଏ ।

ପଥୁରୀ ରୋଗରୁ ମୁକ୍ତି ପାଇବା ପାଇଁ ଗହମ ରସରେ କମଳା ରସ ମିଶାଇ ପିଇଲେ ଖୁବ୍ କାମରେ ଆସିଥାଏ । କମଳା ମାକ୍ସକୁ କେଶରେ ନିୟମିତ ଉପଯୋଗ କରିବା ଫଳରେ କେଶ ଝଡିବା ବନ୍ଦହେବା ସହିତ କେଶ ସିଲ୍କି ଓ ସାଇନି ହୋଇଥାଏ ।

କମଳା ଚୋପାରେ ପ୍ୟାକ୍ ପ୍ରସ୍ତୁତ କରି ମୁହଁରେ ଲଗାଇ କିଛି ସମୟ ପରେ ଧୋଇ ଦେଲେ ତ୍ୱଚାରେ ଚମକ ଆସିଥାଏ ।

## ଟମାଟୋର ଲାଭ

ସାଧାରଣତଃ ଶୀତ ଋତୁରେ ଟମାଟୋ ଅମଳ ହୁଏ । ଏହା ଏକ ଉପାଦେୟ ପରିବା । ଦେହ ପାଇଁ ଅତି ଉପକାରୀ । ଶୀତ ଋତୁ ଆସିଥିବାରୁ ଏବେ ବଜାରରେ ପ୍ରଚୁର ପରିମାଣରେ ତାଜା ଟମାଟୋ ଉପଲବ୍ଧ ହେଲାଣି । ଏହା ବିଭିନ୍ନ ତରକାରି ଓ ବ୍ୟଞ୍ଜନରେ ଲାଗେ ତା' ସହିତ ଏହାକୁ ସୁପ୍, ଚଟଣି ଏବଂ ସାଲାଡରେ ମଧ ବ୍ୟବହାର କରାଯାଏ । ଏଥିରେ ପ୍ରଚୁର ପରିମାଣର ଭିଟାମିନ୍, ଖଣିଜ ସହ ମଣିଷ ପାଇଁ ଆବଶ୍ୟକ ହେଉଥିବା ଏକାଧିକ ପୋଷକ ତତ୍ତ୍ୱ ରହିଥାଏ । ଏହା କୋଲେଷ୍ଟରଲ, ମଧୁମେହକୁ ମଧ ନିୟନ୍ତ୍ରିତ କରେ ।

ମଧୁମେହ ରୋଗୀଙ୍କ ପାଇଁ ଏହା ଅତ୍ୟନ୍ତ ଉପକାରୀ । ଟମାଟୋ ଶିଶୁଙ୍କ ମାନସିକ ଓ ଶାରୀରିକ ବିକାଶ ପାଇଁ ଉପଯୋଗୀ । ପ୍ରତିଦିନ ସକାଳେ ବିନା ପାଣିରେ ଗୋଟିଏ ଟମାଟୋ ଖାଆନ୍ତୁ । ଏହା ଦେହ ପାଇଁ ସ୍ୱାସ୍ଥ୍ୟକର ।

ତ୍ୱଚାରେ ଟମାଟୋ ଘସିଲେ ଚମକ ଆସିବ । ଟମାଟୋ ସହିତ ଜୁଆଣି



ମିଶାଇ ଖାଇଲେ ଗଣ୍ଠିବାତ ଦୂର ହୁଏ ।

ଗର୍ଭାବସ୍ଥାରେ ମହିଳାମାନେ ଡାକ୍ତରଙ୍କ ପରାମର୍ଶ ନେଇ ଟମାଟୋ ଖାଇବା ଉଚିତ ।

ଟମାଟୋରେ ଭିଟାମିନ୍ କେ' ଏବଂ କ୍ୟାଲସିୟମ ଥିବାରୁ ଏହା ହାଡ଼ ମଜଭୁତ କରେ ।

ଟମାଟୋରେ ସୈନ୍ଧବ ଲବଣ ମିଶାଇ ଖାଇଲେ ମୁହଁ ଉଜ୍ୱଳ ଦେଖାଯିବ ।

ନିୟମିତ ଖାଇଲେ ରକ୍ତହୀନତା ଦୂର ହୁଏ ।

ଟମାଟୋ ଓଜନ କମାଇବାରେ ସହାୟକ । ପ୍ରତିଦିନ ୨/୩ ଟି ଟମାଟୋ ଖାଇଲେ ଓଜନ କମିବ ।

## ଆପଣ ଜାଣନ୍ତି କି ?

- ସାଧାରଣତଃ ଧଳା ଏବଂ ନୀଳ ରଙ୍ଗକୁ ସ୍କୁଲ ପୋଷାକ ଭାବରେ ଗ୍ରହଣ କରାଯାଇଥାଏ ।
- ଛିଙ୍କିବା ସମୟରେ ଆମ ହୃଦ୍‌ପିଣ୍ଡ ମି.ଲି ସେକେଣ୍ଡ ପର୍ଯ୍ୟନ୍ତ ସ୍ଥିର ହୋଇଯାଏ ।
- ଛିଙ୍କିବା ସମୟରେ କିଛି ମୁହୂର୍ତ୍ତ ପାଇଁ ପ୍ରାୟ ସମସ୍ତଙ୍କର ଆଖି ବନ୍ଦ ହୋଇଥାଏ ।
- ପ୍ରାୟ ଶାକାହାରୀ ମଣିଷ କାକୁଡି ଖାଇଥାନ୍ତି ।
- ପୃଥିବୀ ଜାନୁଆରୀ ମାସରେ ସୂର୍ଯ୍ୟଙ୍କ ନିକଟବର୍ତ୍ତୀ ହୋଇଥାଏ ।
- ଜିଭ ବାହାର କରି ନାକରେ ନିଃଶ୍ୱାସ ନେବା ଅସମ୍ଭବ ।
- ମୁଣ୍ଡର କେଶକୁ ଗଣିବା ଅସମ୍ଭବ ।
- ଆମେରିକାରେ ପ୍ରତ୍ୟହ ୨୨୦୦ ଲୋହ ହୃଦ୍‌ରୋଗରେ ମରିଥାନ୍ତି ।
- ଗୋଟିଏ ସିଗାରେଟ୍ ୧୧ ମିନିଟ୍ ଭିତରେ ଜଣଙ୍କ ଜୀବନ ନେଇଥାଏ ।
- ସମୁଦ୍ରକୂଳ ଖରା ଖୁବ୍‌ଶୀଘ୍ର ଦେହରେ ସନ୍‌ବର୍ଣ୍ଣ ସୃଷ୍ଟି କରେ । ଅଧିକ ମିଠା ଏବଂ ଚକୋଲେଟ୍ ଖାଉଥିବା ଲୋକ ବେଶୀ ଖୁସୀ ଥାଆନ୍ତି ।
- ବିଶ୍ୱର ସବୁଠୁ ପୁରୁଣା ଡ୍ରେସ୍ ଇଜିପ୍ଟରୁ ମିଳିଥିଲା ଏବଂ ଏହା ୫ ହଜାର ବର୍ଷର ପୁରୁଣା ବୋଲି ଜଣାପଡିଛି ।
- ଅନ୍ଧାର ଘରେ ଗୋଲ୍ଡଫିସ୍ ରଖିଲେ, ସେ ତା'ର ରଙ୍ଗ ହରାଇ ଥାଏ ।
- ଗ୍ରୀନ୍‌ଲ୍ୟାଣ୍ଡରେ ଥିବା ସାର୍କ ଧଳା ଭାଲୁ ଖାଇଥାନ୍ତି ଏବଂ ୨୦୦ ବର୍ଷ ପର୍ଯ୍ୟନ୍ତ ବଞ୍ଚିଥାନ୍ତି ।

## ସ୍ୱାସ୍ଥ୍ୟ ଲାଗି ଉପକାରୀ ମହୁ ଓ ରସୁଣ

ଶୀତ ଦିନେ ଆଲର୍ଜି ଯୋଗୁ ପ୍ରାୟ ଲୋକ ଥଣ୍ଡା, କାଶ ଓ ଶ୍ୱାସ ରୋଗରେ ପୀଡିତ ହୋଇଥାନ୍ତି । ଏହି ଦିନେ ଇମ୍ୟୁନ ସିଷ୍ଟମ ଖୁବ୍ ପ୍ରଭାବିତ ହୋଇଥାଏ ଯଦ୍ୱାରା ଥଣ୍ଡା-ଜ୍ୱର, ଭାଇରାଲ ଫିଭର ଆଦି ରୋଗରେ ପିଲାରୁ ନେଇ ବଡ଼ ପର୍ଯ୍ୟନ୍ତ ପୀଡିତ ହୁଅନ୍ତି । ଏହି ସମସ୍ୟାରୁ ମୁକ୍ତି



ପାଇବା ଲାଗି ଅଦା, ଗୋଲମରିଚ, ତୁଳସୀ ଚା' ସେବନ କରିବା ସହିତ ରସୁଣ ଓ ସୋରିଷ ତେଲ ବ୍ୟବହାର କରନ୍ତି । ଥଣ୍ଡାରୁ ମୁକ୍ତି ପାଇବା ଲାଗି ରସୁଣ-ମହୁ ମହୌଷଧୀ ତୁଲ୍ୟ କାମ କରେ ।

ମହୁ ଓ ରସୁଣ: ମହୁରେ ଆଣ୍ଟିବ୍ୟାକ୍ଟେରିଆଲ, ଆଣ୍ଟିବାୟୋଟିକ୍, ଆଣ୍ଟିଫଙ୍ଗଲ, ଆଣ୍ଟି ସଂକ୍ରମଣ ଗୁଣ ଥିବା ଯୋଗୁ ଏହା କାଶ ଥଣ୍ଡା ସମସ୍ୟାରୁ ମୁକ୍ତି ମିଳିଥାଏ । ଅନ୍ୟପକ୍ଷରେ ରସୁଣରେ ଏଲିସିନ ଓ ଫାଇଭର ରହିଥାଏ ଯାହାଦ୍ୱାରା ଆପଣଙ୍କ ଓଜନ କମ କରିବା ସହିତ ଥଣ୍ଡାକୁ ଦୂର କରେ ।

ଗଳା ସମସ୍ୟା: ଯଦି ଆପଣଙ୍କ ଗଳାରେ କିଛି ସମସ୍ୟା ରହିଛି ତେବେ ରସୁଣ ଓ ମହୁ ସେବନ କରନ୍ତୁ ଏହି ସମସ୍ୟାରୁ ମୁକ୍ତି ମିଳିବ । ଏଥି ସହିତ ମହୁ ଗଳା ଫୁଲାରୁ ଆରାମ ଦେଇଥାଏ । ଏଥିପାଇଁ ଆପଣ ଗୋଟିଏ ରସୁଣ ଚୋବାଇ ଖାଇବା ସହିତ ଅଧା ଛୋଟ ଚାମଚ ମହୁ ସେବନ କରନ୍ତୁ ।

ଓଜନ ନିୟନ୍ତ୍ରଣ: ଯଦି ଆପଣଙ୍କ ଓଜନ ବଢ଼ି ଯାଉଛି ତେବେ ଏହି ସମସ୍ୟାରୁ ମୁକ୍ତି ପାଇବା ପାଇଁ ରସୁଣ ସେବନ କରିପାରିବେ । ରସୁଣ ଓ ମହୁ ନିୟମିତ ସେବନ କରିବାଦ୍ୱାରା ଆପଣଙ୍କ ଶରୀରରେ ବଢ଼ୁଥିବା ଚର୍ବି ମଧ ହ୍ରାସ ପାଇଥାଏ ।

ଇମ୍ୟୁନିଟି ମଜଭୁତ: ଗବେଷଣା ଅନୁସାରେ ପ୍ରତିଦିନ ରସୁଣ ଓ ମହୁ ସେବନ କରିବା ଦ୍ୱାରା ଶରୀର ପ୍ରତିରୋଧକ କ୍ଷମତା ମଜଭୁତ ହୋଇଥାଏ ।

ହୃଦୟ ସୁସ୍ଥ: ରସୁଣ ଓ ମହୁ ଖାଇବା ଦ୍ୱାରା ଆପଣଙ୍କ ହୃଦୟ ସୁସ୍ଥ ରହିଥାଏ । ଏହା ହୃଦୟର ଧମନୀରେ ଉତ୍ପନ୍ନ ଫ୍ୟାଟକୁ ତରଳାଇ ଦିଏ । ଏହାଦ୍ୱାରା ରକ୍ତ ସଂଚାର ଉତ୍ତମ ଭାବରେ ହୋଇଥାଏ, ବ୍ଲକେଜ ଓ ବ୍ରେନଷ୍ଟ୍ରୋକ ଆଶଙ୍କାକୁ କମ କରିଥାଏ । ହୃଦୟ ସହ ଜଡିତ ସମସ୍ତ ସମସ୍ୟାରୁ ମୁକ୍ତି ମିଳିଥାଏ ।

## ସ୍ୱାସ୍ଥ୍ୟୋପକାରୀ କଲରା

କଲରାର ସ୍ୱାଦ ପିତା, ହେଲେ ଏଥିରେ ଅନେକ ପ୍ରକାର ସ୍ୱାସ୍ଥ୍ୟୋପକାରୀ ଗୁଣ ଭରି ରହିଛି । ବିଶେଷଭାବରେ ଜଣେ ଡାଇବେଟିସ୍ ରୋଗୀଙ୍କ ପାଇଁ ଏହା ବେଶ୍ ଉପକାରୀ । ଏଥିରେ ପଲିପେପ୍‌ଟାଇଡ୍ ଏବଂ କେରାଟିନ୍ ନାମକ ତତ୍ତ୍ୱ ରହିଛି, ଯାହା ରକ୍ତରେ



ଶର୍କରା ପରିମାଣକୁ ସନ୍ତୁଳିତ ରଖିବାରେ ଅନେକାଂଶରେ ସାହାଯ୍ୟ କରିଥାଏ । କଲରାରେ ଅନେକ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି, ଯାହା ଆମ ଶରୀରକୁ କେତେକ ରୋଗରୁ ରକ୍ଷା କରିଥାଏ । ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବଢ଼ାଇବାରେ କଲରା ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଏହାର ଆଣ୍ଟି- ଅକ୍ସିଡାଣ୍ଟ ଓ ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ପାଇଁ ବାହାର ଜୀବାଣୁକୁ ଏହା ଶରୀର ଭିତରକୁ ପ୍ରବେଶ କରିବାକୁ ଦେଇ ନ ଥାଏ । ପ୍ରତିଦିନ କଲରା ଖାଇବା ଆଖି ପାଇଁ ମହୌଷଧି ସଦୃଶ କାମ କରେ । ଇନ୍‌ସୁଲିନ୍ କ୍ଷରଣକୁ ସନ୍ତୁଳିତ ରଖି ରକ୍ତ ସଞ୍ଚାଳନକୁ ଶରୀରରେ ଠିକ୍ ଭାବେ କରାଇଥାଏ କଲରା । ଏଥିରେ ଏଭଳି ତତ୍ତ୍ୱ ରହିଛି ଯାହା ଓଜନକୁ ସନ୍ତୁଳିତ ରଖିଥାଏ ।

## କହିପାରିବେ କି ?

(୧) ଭାରତୀୟ ଗୋଲାପ ଫୁଲର ସବୁଠାରୁ ବଡ଼ ଗ୍ରାହାକ ଦେଶ କିଏ ?
(୨) ପୃଥିବୀର ପ୍ରାଚୀନତମ ବଡ଼ ସହର କିଏ ?
(୩) ପୁରାଣ ବର୍ଣ୍ଣିତ ତ୍ରେତୟା ଯୁଗରେ ରାକ୍ଷାସ ରାଜା ଦରବାରରେ ବୈଦ୍ୟରାଜ ତଥା ଚିକିତ୍ସକଙ୍କ ନାମ କ'ଣ ଥିଲା ?
(୪) ଭଗବାନ୍ ଶ୍ରୀକୃଷ୍ଣଙ୍କ ଶସ୍ତ୍ର ଗୁରୁ କିଏ ଥିଲେ ?
(୫) ପ୍ରଭୁ ଜଗନ୍ନାଥଙ୍କ ଶ୍ରେଷ୍ଠଭକ୍ତ କବି ଶ୍ରେଷ୍ଠ ଜୟଦେବଙ୍କ ସର୍ବୋତ୍କୃଷ୍ଟ କୃତି କ'ଣ ?
(୬) ବିଶ୍ୱଗୁରୁ ରୂପେ କେଉଁ ମହାନ୍ ଭାରତୀୟ ଆମନିକଟରେ ଖୁବ୍ ପରିଚିତ ?
(୭) ପ୍ରସିଦ୍ଧ ଉପନ୍ୟାସ ଗୋଦାନର ରଚୟିତା କିଏ ଥିଲେ ?
(୮) କଚ୍ଛପ ଅବତାରରେ ମହାପ୍ରଭୁ ଶ୍ରୀବିଷ୍ଣୁ କେଉଁ ମହାନ୍ କାମ କରିଥିଲେ ?
(୯) ମହାଭାରତର ଭୀଷ୍ମମହାନ୍ ଯୋଦ୍ଧା ତଥା ଇଚ୍ଛା ମୃତ୍ୟୁଧାରୀ କାହାର ପୁତ୍ର ଥିଲେ ?
(୧୦) ସ୍ୱର୍ଗରୁ ଗଙ୍ଗାଙ୍କୁ କିଏ ମର୍ତ୍ତ୍ୟକୁ ଆଣିଥିଲେ ?

### JUMBLE WORDS

| | | | |
|---|---|---|---|
| 1) TEBOLT | = | 6) SOPOEP | = |
| 2) ELYSEP | = | 7) NOMHT | = |
| 3) MWONA | = | 8) PCYIS | = |
| 4) LITUG | = | 9) RFXIEP | = |
| 5) RDEVOO | = | 10) CLAPDI | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ?** ର ଉତ୍ତର :-

୧.ଆଫ୍ରିକାର ହାତୀ, ୨.ଜଙ୍ଘରେ, ୩.ରୁଷିଆ, ୪.କୋରାପୁଟ, ୫.୨୦୬ଟି, ୬.ବୋନ୍‌ମ୍ୟାରୋ, ୭.ପାରଦ, ୮.କମ୍ ତାପମାତ୍ରାରେ ରଖିଲେ, ୯.ସାଇନୋଫୋବିୟା, ୧୦. ମହର୍ଷି ସନ୍ଦିପନୀ ।

***Jumble Words*** ର ଉତ୍ତର **:-**

(1) UNCLE (2) GIVEN (3) IMPAIR (4) NUANCE (5) GLORY (6) HEDGE (7) ITALIC (8) FLINCH (9) AFTER (10) COLOR

# ରଂଜନ ସାହୁ ହେଲେ ଲୋକ ମହୋତ୍ସବ ସଂଯୋଜକ

ସମ୍ବଲପୁର : ନୃତ୍ୟଗୁରୁ ରଂଜନ ସାହୁ ଲୋକ ମହୋତ୍ସବ ୨୦୨୨ର ସଂଯୋଜକ ମନୋନୀତ ହୋଇଛନ୍ତି । ସେହିପରି ଯୁବ ଆଇନଜୀବୀ ଅନୁପ ତରିଆଙ୍କୁ ସହସଂଯୋଜକ ଦାୟିତ୍ୱ ଦିଆଯାଇଛି । ସେହିପରି ନୋଡାଲ୍ ଅଧିକାରୀ ବି ନିଯୁକ୍ତ ହୋଇଛନ୍ତି । ସୂର୍ଯ୍ୟ ପ୍ରକାଶ ଗୁରୁଙ୍କୁ ସାଂସ୍କୃତିକ ଦଳ ଉପସମିତିର ଆବାହକ ମନୋନୀତ କରାଯାଇଛି । ବିଭିନ୍ନ ସାଂସ୍କୃତିକ ଦଳ ଗୁଡ଼ିକ ସହ ଯୋଗାଯୋଗ କରି ସେମାନଙ୍କୁ ଲୋକ ମହୋତ୍ସବକୁ ଆଣିବା ତାଙ୍କର ମୁଖ୍ୟ ଦାୟିତ୍ୱ ହେବ । ସୁବ୍ରତ ପଣ୍ଡାଙ୍କୁ ଖାଦ୍ୟ ଉପସମିତିର ଦାୟିତ୍ୱ ପ୍ରଦାନ କରାଯାଇଛି । ରାହୁଲ ଗୁପ୍ତା ଏବଂ ଚନ୍ଦ୍ରଶେଖର ପାତ୍ର ପ୍ରଚାର ଓ ଶୋଭାଯାତ୍ରା ଉପସମିତି, ଦେବାଶିଷ ପ୍ରଧାନ ଏବଂ ଅମିତ ନାଥ ପ୍ରଦର୍ଶନୀ, ଆଶିଷ ପ୍ରଧାନ ଏବଂ ଗୌତମ ମିଶ୍ର ଡକ୍ୟୁମେଣ୍ଟାସନ୍, ସୂର୍ଯ୍ୟ ପାଣିଗ୍ରାହୀ ସମ୍ବର୍ଦ୍ଧନା, ମହମ୍ମଦ ସନାଉଲ୍ଲା ଏବଂ ନନ୍ଦକିଶୋର ସାହୁ ଅଭ୍ୟର୍ଥନା, ଅତୀଶ ଶତପଥୀ ଏବଂ ମାହେଶ୍ୱରୀ ପାଣିଗ୍ରାହୀ ଆଲୋଚନାଚକ୍ର, ସତ୍ୟ ନାରାୟଣ ଠାକୁର ସ୍ମରଣିକା, ଅମିତ ପତି ପରିବହନ ଓ ରହଣି, ତର୍ପଣ ପ୍ରଧାନ ଏବଂ ମାନସ ମିଶ୍ର ଉପସ୍ଥାପନା, ଭବାନୀ ଭୋଇ ଗଣମାଧ୍ୟମ, ସୁଧାଂଶୁ ପୂଜାରୀ ଏବଂ ନିଶିକାନ୍ତ ବିଶ୍ୱାଳ ଷ୍ଟଲ୍, ସୌରୀ ପାଣିଗ୍ରାହୀ ଏବଂ ସନ୍ତୋଷ ବଢେଇ ପାର୍କିଂ, କାଳିଦାସ ପଣ୍ଡା, କାନ୍ତି ମେହେର ଏବଂ ବାବାଜୀ ମେହେର ପରିମଳ ଉପକମିଟିର ଆବାହକ ମନୋନୀତ ହୋଇଛନ୍ତି । ଏହାଛଡ଼ା ସରକାରୀ ଅଧିକାରୀମାନଙ୍କୁ ମଧ ଲୋକମହୋତ୍ସବର ବିଭିନ୍ନ ଦାୟିତ୍ୱ ପ୍ରଦାନ କରାଯାଇଛି । ଏମ୍ଏମ୍ସି କମିସନର୍ ପ୍ରଦୀପ ସାହୁ ଲୋକ ମହୋତ୍ସବର ମୁଖ୍ୟ ନୋଡାଲ୍ ଅଧିକାରୀ ଏବଂ ସଦର ଉପଜିଲ୍ଲାପାଳ ପ୍ରଭାସ ଡନସନା ସହକାରୀ ମୁଖ୍ୟ ନୋଡାଲ୍ ଅଧିକାରୀ ନିଯୁକ୍ତ ହୋଇଛନ୍ତି । ସେହିପରି ଜିଲ୍ଲା ପରିଷଦ ନିର୍ବାହୀ ଅଧିକାରୀ ଦିଲ୍ଲୀପ କୁମାର ବଳ ପଲ୍ଲିଶ୍ରୀ ମେଳାର ନୋଡାଲ୍ ଅଧିକାରୀ ଏବଂ ଅତିରିକ୍ତ ନିର୍ବାହୀ ଅଧିକାରୀ ଶରତ କୁମାର ବାଗ ସହକାରୀ ନୋଡାଲ୍ ଅଧିକାରୀ ନିଯୁକ୍ତ ହୋଇଛନ୍ତି । ଏହାଛଡ଼ା ପ୍ରତ୍ୟେକ ଉପସମିତି ପାଇଁ ୨-୩ ଜଣ ଲେଖାଏଁ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ଲୋକ ମହୋତ୍ସବର ପ୍ରଥମ ପ୍ରସ୍ତୁତି ବୈଠକ ମୁଖ୍ୟ ସଂଯୋଜକ ଗୁରୁ ରଞ୍ଜନ ସାହୁଙ୍କର ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ୧୯୯୭ ମସିହାରେ ରାଜ୍ୟରେ ପ୍ରଥମ ଥର ସମ୍ବଲପୁରରେ ଲୋକ ମହୋତ୍ସବ ଆରମ୍ଭ ହୋଇଥିଲା । ଏଥର ରୌପ୍ୟ ଜୟନ୍ତୀ ଥିବାରୁ ଏହାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ଆୟୋଜନ କମିଟି ସଦସ୍ୟ ମତ ପ୍ରକାଶ କରିଛନ୍ତି । ବୈଠକରେ ଚଳିତ ବର୍ଷ ଲୋକ ମହୋତ୍ସବ ଆୟୋଜନ ପାଇଁ ଦେଢ଼ ମାସ ସମୟ ଥିବାରୁ ଏହାକୁ ଭବ୍ୟ କରିବା ପାଇଁ କମିଟି ଅଣ୍ଟା ଭିଡିଛି । ପିଏଚଡି ପଡିଆରେ ଲୋକ ମହୋତ୍ସବ ପାଇଁ ସ୍ଥାୟୀ ବ୍ୟବସ୍ଥା କରିବା ସହ ଏଥିରେ ଜଡିତ ଦିବଙ୍ଗତ କର୍ମକର୍ତ୍ତା ଓ କଳାକାରଙ୍କୁ ସମ୍ମାନ ଦେବାକୁ ଆଲୋଚନା ହୋଇଥିଲା । ଚଳିତ ବର୍ଷ ହକି ବିଶ୍ୱକପ ଓ ପଲ୍ଲିଶ୍ରୀ ମେଳା ଆୟୋଜନ ହେଉଥିବାରୁ ସମନ୍ୱୟ ରଖିବାକୁ ଆଲୋଚନା ହୋଇଥିଲା । ଏଥର ବ୍ଲକରୁ ଆରମ୍ଭ କରି ଆନ୍ତର୍ଜାତୀୟ ସ୍ତରର କଳାକାରଙ୍କୁ ସାମିଲ କରିବାକୁ ଯୋଜନା ରହିଛି । ଅନୁପ ତରିଆ ଆଲୋଚନାର ବିବରଣୀ ଉପସ୍ଥାପନ କରିଥିବା ବେଳେ ଜିଲ୍ଲା ସଂସ୍କୃତି ଅଧିକାରୀ ଦୀପକ କୁଲୁ ଧନ୍ୟବାଦ ଦେଇଥିଲେ ।

# ସୁଇଟ୍ ମହାବିଦ୍ୟାଳୟରେ ଅନୁସ୍ଥାପନ କାର୍ଯ୍ୟକ୍ରମ

ବୁର୍ଲା : ସମ୍ବଲପୁର ବିଶ୍ୱବିଦ୍ୟାଳୟ ସ୍ଥିତ ସୁଇଟ୍ ମହାବିଦ୍ୟାଳୟରେ ୧୩ତମ ଅନୁସ୍ଥାପନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ବସନ୍ତ କୁମାର ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଭାରପ୍ରାପ୍ତ କୁଳପତି ପ୍ରଫେସର ସଂଯୁକ୍ତା ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିବା ବେଳେସମ୍ବଲପୁର ବିଶ୍ୱବିଦ୍ୟାଳୟ କୁଳସଚିବ ଡକ୍ଟର ନୃପରାଜ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ । ଏଥିସହିତ ସୁଇଟ୍‌ର ଛାତ୍ର କଲ୍ୟାଣ ଡିନ୍ ଡକ୍ଟର ରଶ୍ମିକାନ୍ତ ପତି, ଡକ୍ଟର ନୀଳକଣ୍ଠ ବଡ଼ପଣ୍ଡା, ଉପସଭାପତି ଡକ୍ଟର କଲ୍ୟାଣ ଦାସ, କ୍ରୀଡ଼ା କ୍ଲବ୍ ଉପସଭାପତି ଡକ୍ଟର ବିଶ୍ୱଜିତ ମୁଖାର୍ଜୀ, ଲିଟ୍ରେସି କ୍ଲବ୍, ପ୍ଲେସ୍‌ମେଣ୍ଟ ଇନ୍‌ଚାର୍ଜ ସୁମନ ଦେ ପ୍ରମୁଖ ମଞ୍ଚାସୀନ ଥିଲେ । ସୁଇଟ୍ ନାମଲେଖାଇଥିବା ସମସ୍ତ ବିଭାଗର ନବାଗତ ଛାତ୍ରଛାତ୍ରୀ ଏବଂ ସେମାନଙ୍କ ଅଭିଭାବକ ଉପସ୍ଥିତ ଥିଲେ । ଆରମ୍ଭରୁ ସୁଇଟ୍ ନିର୍ଦ୍ଦେଶକ ପ୍ରଫେସର ଡକ୍ଟର ମହାନ୍ତି ସୁଇଟ୍ ମହାବିଦ୍ୟାଳୟ ସମ୍ବନ୍ଧରେ ସୂଚନା ପ୍ରଦାନ କରିଥିଲେ । ସୁଇଟ୍‌ର ଛାତ୍ର କଲ୍ୟାଣ ଡିନ୍ ଡକ୍ଟର ରଶ୍ମିକାନ୍ତ ପତି ଧନ୍ୟବାଦ ଅର୍ପଣ କରିଥିଲେ ।

# ପଦ୍ମପୁରର ନିର୍ବାଚନ ମଇଦାନରେ ୧୦ ପ୍ରାର୍ଥୀ

ବରଗଡ଼ : ପଦ୍ମପୁର ବିଧାନସଭା ଉପନିର୍ବାଚନ ପାଇଁ କାଏମ ଥିବା ୧୧ ଜଣ ପ୍ରାର୍ଥୀଙ୍କ ମଧରୁ ଜଣେ ନାମାଙ୍କନପତ୍ର ପ୍ରତ୍ୟାହାର କରିବା ପରେ ଏବେ ମଇଦାନରେ ମୋଟ ୧୦ ଜଣ ପ୍ରାର୍ଥୀ ରହିଛନ୍ତି । ମୋଟ ୧୩ ଜଣ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରିଥିବା ବେଳେ ଯାଞ୍ଚ ବେଳେ ଦୁଇ ଜଣଙ୍କର ପ୍ରାର୍ଥୀପତ୍ର ନାକଚ ହୋଇଥିଲା । ଆସନ୍ତା ଡିସେମ୍ବର ୫ ତାରିଖରେ ହେବାକୁ ଥିବା ପଦ୍ମପୁର ଉପ ନିର୍ବାଚନରେ ଭୋଟଗ୍ରହଣ ସକାଳ ୭ଟାରୁ ଅପରାହ୍ନ ୪ ଘଣ୍ଟା ପର୍ଯ୍ୟନ୍ତ ଚାଲିବ ।

ପୂର୍ବ ନିର୍ବାଚନଗୁଡିକ ଭଳି ଏଥର ମଧ ଦୃଷ୍ଟିବାଧିତ ଭୋଟରମାନଙ୍କ ପାଇଁ ବୋଲି ବାଲଟ ପେପରର ସୁବିଧା କରାଯାଇଛି । ୮୦ ବର୍ଷରୁ ଉର୍ଦ୍ଧ୍ୱ ବରିଷ୍ଠ ଭୋଟର ଓ ଦିବ୍ୟାଙ୍ଗ ଭୋଟରଙ୍କ ପାଇଁ ପୋଷ୍ଟାଲ ବାଲଟ ମାଧମରେ ଭୋଟଗ୍ରହଣର ସୁବିଧା କରାଯାଇ ଥିବାବେଳେ ବିନା କୋଭିଡ କଟକଣାରେ ଏଥର ଭୋଟ ହେବ । ପଦ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀରେ ମୋଟ ୨ ଲକ୍ଷ ୫୭ ହଜାର ୪୭୪ ଜଣ ଭୋଟର ୩୧୯ଟି ବୁଥରେ ସେମାନଙ୍କ ମତଦାନ ସାବ୍ୟସ୍ତ କରିବେ । ସେଥିମଧ୍ୟରୁ ୧ ଲକ୍ଷ ୨୯ ହଜାର ୪୯୭ ପୁରୁଷ ଭୋଟର, ୧ ଲକ୍ଷ ୨୭ ହଜାର ୯୬୫ ମହିଳା ଭୋଟର ରହିଛନ୍ତି । ୧୨ ଜଣ ତୃତୀୟଲିଙ୍ଗୀ ଭୋଟର ରହିଥିବା ବେଳେ ୧୯୯ ଜଣ ସର୍ଭିସ ଭୋଟର ମତଦାନ କରିବେ । ମୋଟ୍ ବୁଥର ୫୦ ପ୍ରତିଶତ ଅର୍ଥାତ ୧୬୦ଟି ବୁଥରେ ୱେବକାଷ୍ଟିଂ କରାଯିବା ସହ ଉତ୍ତେଜନାପ୍ରବଣ ବୁଥଗୁଡିକରେ ୯୮ ଜଣ ମାଇକ୍ରୋ ପର୍ଯ୍ୟବେକ୍ଷକଙ୍କୁ ନିଯୁକ୍ତି କରାଯାଇଛି । ୯ କମ୍ପାନୀ ସେଣ୍ଟ୍ରାଲ ପାରାମିଲିଟାରୀ ଫୋର୍ସ ମୁତୟନ ହେବା ସହ ୪୧ ପ୍ଲାଟୁନ ରାଜ୍ୟ ପୋଲିସ ବଳଙ୍କୁ ମୁତୟନ କରାଯିବ । ସାଧାରଣ ପର୍ଯ୍ୟବେକ୍ଷକ ଭାବେ ବରିଷ୍ଠ ପ୍ରଶାସକ ମାନବେନ୍ଦ୍ର ପ୍ରତାପ ସିଂହ ବ୍ୟୟ ପର୍ଯ୍ୟବେକ୍ଷକଭାବେ ରାଜସ୍ୱ ସେବା ଅଧିକାରୀ ଡି.ଏମ. ରାମପ୍ରସାଦ ଗୁପ୍ତା ଏବଂ ପୋଲିସ ପର୍ଯ୍ୟବେକ୍ଷକଭାବେ ବରିଷ୍ଠ ଆଇପିଏସ ହେମନ୍ତ ଚୌହାନଙ୍କୁ ନିଯୁକ୍ତି ଦିଆଯାଇଛି । ଏହି ନିର୍ବାଚନ ପାଇଁ ମୁଖ୍ୟ ରାଜନୈତିକ ଦଳ ବିଜେଡି, ବିଜେପି ଓ କଂଗ୍ରେସ ଦଳ ପକ୍ଷରୁ ପ୍ରଚାର ଜୋରସୋର୍‌ରେ ଚାଲିଛି ।

# ହେମାନନ୍ଦ ବିଶ୍ୱାଳଙ୍କ ଜୟନ୍ତୀ ପାଳିବ ଆଦିବାସୀ ସମାଜ

ଝାରସୁଗୁଡ଼ା : ସମ୍ମିଳିତ ଆଦିବାସୀ ସମାଜ, ଶହୀଦ କରୁଣାକର ସିଂହ ନାଏକ, ଖଗ ନାଏକ ଓ କହ୍ନେଇ ନାଏକ ସ୍ମୃତିଟ୍ରଷ୍ଟ ଓ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ମିଳିତ ଆନୁକୂଲ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗୀୟ ହେମାନନ୍ଦ ବିଶ୍ୱାଳଙ୍କ ୮୪ତମ ଜୟନ୍ତୀ ଅବସରରେ ଝାରସୁଗୁଡା ମଙ୍ଗଳବଜାରସ୍ଥିତ ପୌରପରିଷଦ ପ୍ରେକ୍ଷାଳୟରେ ଆସନ୍ତା ଡିସେମ୍ବର ୧ ତାରିଖ ଦିନ ଏକ ରକ୍ତଦାନ ଶିବିର ଆୟୋଜନ କରାଯିବାକୁ ସ୍ଥିର ହୋଇଛି । ସ୍ୱର୍ଗତ ବିଶ୍ୱାଳ ଝାରସୁଗୁଡ଼ା ଜିଲ୍ଲାର କିର୍ମିରା ବ୍ଲକ ଅନ୍ତର୍ଗତ ଠାକୁରପଡ଼ା ଗ୍ରାମର ଆଦିବାସୀ ପରିବାରରେ ଜନ୍ମଗ୍ରହଣ କରିଥିଲେ ମଧ ସେ ଜନସେବକ, ଗରିବଙ୍କୁ ଦେଶର ମୁଖ୍ୟ ବିକାଶ ଧାରାରେ ସାମିଲ କରିବା ଆଦି କ୍ଷେତ୍ରରେ ଆଖି ଦୃଶିଆ କାର୍ଯ୍ୟ କରିଛନ୍ତି । ତାଙ୍କ ସ୍ମୃତିରେ ଏହି ରକ୍ତଦାନ ଶିବିର ଆୟୋଜନ କରାଯିବ ବୋଲି ସଂଗଠନର ମୁଖ୍ୟ ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ କହିଛନ୍ତି ।

# ଓଡ଼ିଶାର ଦୀର୍ଘସ୍ଥାୟୀ ବିକାଶ ସମ୍ପର୍କିତ ଜିଲ୍ଲା କର୍ମଶାଳା

ସମ୍ବଲପୁର : ଓଡ଼ିଶାର ଦୀର୍ଘସ୍ଥାୟୀ ବିକାଶ ପାଇଁ ୨୦୩୦ ସୁଦ୍ଧା ଜାତିସଂଘ ଦ୍ୱାରା ନିର୍ଦ୍ଧାରିତ ୧୭ଟି ଲକ୍ଷ୍ୟକୁ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ବା ଏସଡିଜି କିପରି ହାସଲ କରିହେବ ସେ ନିମନ୍ତେ ରାଜ୍ୟ ସରକାର ଯୋଜନା ରଖିଛନ୍ତି । ଏହି ଲକ୍ଷ୍ୟ କିପରି ଜିଲ୍ଲା ସ୍ତରରୁ ହାସଲ କରାଯାଇପାରିବ ସେଥି ପାଇଁ ସମ୍ବଲପୁର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ଏକ ଜିଲ୍ଲାସ୍ତରୀୟ କର୍ମଶାଳା ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା । ସମ୍ବଲପୁର ଜିଲ୍ଲା ପ୍ରଶାସନ ଏବଂ ଯୋଜନା ଓ ସଂଯୋଜନା ବିଭାଗ ପକ୍ଷରୁ ମିଳିତ ଭାବରେ ଏହି କର୍ମଶାଳା ଆୟୋଜିତ ହୋଇଥିଲା । ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଦିଲ୍ଲୀପ କୁମାର ବଳ, ଆଇଏଏସ୍ ପ୍ରୋବେଶନର ରିହାନ ଖତ୍ରୀ, ରାଜ୍ୟ ଯୋଜନା ଓ ସଂଯୋଜକ ବିଭାଗର ସହକାରୀ ନିର୍ଦ୍ଦେଶିକା ଅର୍ଚ୍ଚିତା ଦାସ ଏବଂ ଉପାସନା ମହାପାତ୍ର, ଜିଲ୍ଲା ଯୋଜନା ଓ ସଂଯୋଜନା ବିଭାଗର ଭାରପ୍ରାପ୍ତ ଉପନିର୍ଦ୍ଦେଶକ ଦେବାଶିଷ ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ ।


# କ୍ଷେତ୍ରମଣୀ ବିଭାରଙ୍କ ମାତୃ ବିୟୋଗ

ସମ୍ବଲପୁର : ସମ୍ବଲପୁର ଆକାଶବାଣୀ କେନ୍ଦ୍ରର ହିନ୍ଦୀ ବିଭାଗ ଅଧିକାରୀ କ୍ଷେତ୍ରମଣୀ ବିଭାରଙ୍କ ମାତା ନୀଳା ବିଭାରଙ୍କ ବରଗଡ଼ ଜିଲ୍ଲା ପଦ୍ମପୁର ଥାନା ଅନ୍ତର୍ଗତ ଖେମେଡ଼ଖାର୍ ଗ୍ରାମରେ ତାଙ୍କ ବାସଭବନରେ ପରଲୋକ ହୋଇ ଯାଇଛି । ଗତକିଛି ଦିନ ହେବ ସେ ବାର୍ଦ୍ଧକ୍ୟ ରୋଗରେ ପୀଡିତ ହୋଇ ଚିକିତ୍ସିତ ହେଉଥିଲେ ।

# ପଦ୍ମପୁରର ଭୂଦାନ କର୍ମୀ ଗଜେନ୍ଦ୍ର ଦାସଙ୍କ ପରଲୋକ

ବରଗଡ଼ : ଜିଲ୍ଲାର ଜଣାଶୁଣା ଭୂଦାନ କର୍ମୀ ବିନୋବା ଭାବେଙ୍କ ସହଯୋଗୀ ଗଜେନ୍ଦ୍ର ପ୍ରସାଦ ଦାସ (୯୦)ଙ୍କ ଭୁବନେଶ୍ୱର ସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସାଧିନ ଅବସ୍ଥାରେ ପରଲୋକ ହୋଇଯାଇଛି । ସେ ତାଙ୍କ ପଛରେ ପୁଅ ପ୍ରଦୀପ, ଡାକ୍ତର ସୁଦୀପ୍ତ ଉଦୀପ୍ତ ଝିଅ ଅଞ୍ଜଳି, ଅର୍ଚ୍ଚନା, ଅଞ୍ଜନା, ସସ୍ମିତା ସମେତ ଜ୍ୱାଇଁ ନାତି ନାତୁଣୀଙ୍କୁ ଛାଡି ଚାଲି ଯାଇଛନ୍ତି । ଗତ ଏକ ମାସ ପୂର୍ବରୁ ତାଙ୍କ ସ୍ତ୍ରୀ ସରୋଜିନୀ ଇହଲୀଳା ସମ୍ବରଣ କରିଥିଲେ ।

ସ୍ୱର୍ଗତ ଦାସ ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମ୍ବଲପୁରରେ ସ୍କୁଲ ପାଠ ସମୟରେ ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିଲେ । ମାତ୍ର ବୟସ ହୋଇ ନ ଥିବାରୁ ସେ କେବେ ଜେଲ୍ ଯାଇ ନ ଥିଲେ । ଗାନ୍ଧୀଙ୍କ ଦେହାନ୍ତ ପରେ ଅବିଭକ୍ତ ସମ୍ବଲପୁର ଜିଲ୍ଲାର ଭୂଦାନ ଆନ୍ଦୋଳନର ନେତୃତ୍ୱ ନେବା ପଦଯାତ୍ରା କରି ୪୨ ଖଣ୍ଡ ସଂପୂର୍ଣ୍ଣ ଗ୍ରାମଦାନ କରି ବିନୋବା ଭାବେଙ୍କୁ ଦାନପତ୍ର ପ୍ରଦାନ



କରିଥିଲେ । ସେ ଗାନ୍ଧୀ ଓ ଭୂଦାନ ସଂପର୍କରେ ଅନେକ ବହି ରଚନା କରିଥିଲେ । ଗତ ୧୪ ନଭେମ୍ବର ୨୨ରେ ସେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଆମନ୍ତ୍ରଣ ପାଇ ଭୁବନେଶ୍ୱର ଯାଇଥିଲେ । ସେଠାରେ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବରେ ସାମିଲ ହେବା ପରେ ଅସୁସ୍ଥ ହୋଇ ଏକ ଘରୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ । ସେହି ଡାକ୍ତରଖାନାରେ ହିଁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ । ତାଙ୍କ ପାର୍ଥିବ ଶରୀର ପଦ୍ମପୁର ପହଞ୍ଚିବା ପରେ ବିଜେଡିର ଉପସଭାପତି ତଥା ବିଧାୟକ ଦେବୀପ୍ରସାଦ ମିଶ୍ର, ପୂର୍ବତନ ସାଂସଦ ଡକ୍ଟର ପ୍ରଭାସ ସିଂଙ୍କ ସମେତ ବହୁ ମାନ୍ୟଗଣ୍ୟ ତାଙ୍କ ଘରକୁ ପହଞ୍ଚି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ତାଙ୍କ ମରଶରୀରରେ ତ୍ରିରଙ୍ଗା ପତାକା ଆଚ୍ଛାଦିତ କରାଯାଇଥିଲା । ତାଙ୍କ ବିୟୋଗରେ ବିରୋଧୀ ଦଳର ନେତା ଜୟନାରାୟଣ ମିଶ୍ର, ପୂର୍ବତନ ବିଧାୟକ ବିମ୍ବାଧର କୁଅଁର, ପ୍ରଦୀପ ପୁରୋହିତ, ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ବିପିନ ବିହାରୀ ନନ୍ଦ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି ।


## ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନ୍ଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

## Subscription Rate of The Sweekar

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

## Advertisement Tariff of The Sweekar

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra

# ଗ୍ଲୋବାଲ ଫାଉଣ୍ଡେସନ ପକ୍ଷରୁ ଶିକ୍ଷକ ସଶକ୍ତିକରଣ କାର୍ଯ୍ୟକ୍ରମ









ସମ୍ବଲପୁର : ସ୍ଥାନୀୟ ହୋଟେଲ ଗ୍ରାଣ୍ଡ ଶିବା ଠାରେ ଗ୍ଲୋବାଲ୍ ଫାଉଣ୍ଡେସନ୍ ଫର ଆର୍ଲି ଚାଇଲ୍ଡହୁଡ୍ ଏଜୁକେସନ ଏଣ୍ଡ ରିସର୍ଚ୍ଚ ଓ ବୈଦ୍ୟନାଥ ପଣ୍ଡା ଏଜୁକେଶନାଲ୍ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ଏକ ଶିକ୍ଷକ ସଶକ୍ତିକରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ପ୍ରଫେସର ଆଦିତ୍ୟ ପ୍ରସାଦ ପାଢ଼ୀ, ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଏ.କେ. ଦାସମହାପାତ୍ର, ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର, ଧମା ସ୍ଥିତ ମା ଝାଡ଼େଶ୍ୱରୀ କଲେଜର ଅଧକ୍ଷ ଅଶୋକ କୁମାର ପୁରୋହିତ ଅତିଥି ରୂପେ ଯୋଗ ଏହାର ଉଦ୍‌ଘାଟନ କରିଥିଲେ । ଡକ୍ଟର ଅନାମିକା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ ଏହି ପାଞ୍ଚ ଅଧିବେଶନ ବିଶିଷ୍ଟ କାର୍ଯ୍ୟକ୍ରମରେ ଅନୁଷ୍ଠାନର ଅଧକ୍ଷା ଡକ୍ଟର ମସୁଧା ଯଶ୍ୱିନ, ଦିଲ୍ଲୀର ଡକ୍ଟର ଶେଲ୍ଲୀ ବିଷ୍ଟ, ବେଙ୍ଗାଲୁରୁର ଡକ୍ଟର ରଜନୀ ରାଓ ୩୦ଟି ଶିକ୍ଷାନୁଷ୍ଠାନର ପ୍ରାୟ ୩୦୦ ଅଧକ୍ଷ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ଶିକ୍ଷାଦାନର କୌଶଳ ଓ ପାଠ୍ୟକ୍ରମ ବାବଦରେ ତାଲିମ ଦେଇଥିଲେ । ଏହି ଅବସରରେ ବିଭିନ୍ନ ଶିକ୍ଷାନୁଷ୍ଠାନର ଅଧକ୍ଷ ମାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା ।

# ବାଳ ନିକେତନ ଓ ମାତୃ ଭବନ ପରିଦର୍ଶନ କଲେ ସମ୍ବଲପୁର ଜିଲ୍ଲାପାଳ

ସମ୍ବଲପୁର : ଯୁଯୁମୁରା ବ୍ଲକ ବୀରସିଂଗଡ଼ ପଞ୍ଚାୟତ ଫୁଲଝରନ ସ୍ଥିତ ଡକ୍ଟର ଆଇଜାକ ସାନ୍ତ୍ରା ବାଳନିକେତନ ଓ ପାର୍ବତୀଗିରି ରେଡ଼କ୍ରସ ମାତୃ ଭବନକୁ ଜିଲ୍ଲାପାଳ ଅନନ୍ୟା ଦାସ ପରିଦର୍ଶନ କରିଛନ୍ତି । ବାଳନିକେତନର ଶହେ ଶଯ୍ୟା ବିଶିଷ୍ଟ ଛାତ୍ର ନିବାସ ଦେଖି ଖାଦ୍ୟପେୟ, ପାନୀୟ ଜଳ, ବିଦ୍ୟୁତ୍ ଆଦି ଆନୁଷଙ୍ଗିକ ବ୍ୟବସ୍ଥା ତଦାରଖ କରି ଛାତ୍ରଛାତ୍ରୀଙ୍କୁ ଭେଟିଥିଲେ । ଅନୁଷ୍ଠାନ ସମ୍ପାଦିକା ସନ୍ଧ୍ୟାରାଣୀ ପ୍ରଧାନ, ମ୍ୟାନେଜର କୁଳଧର ପ୍ରଧାନଙ୍କ ସହ ଅସୁବିଧା ସୁବିଧା ସଂକ୍ରାନ୍ତରେ ଆଲୋଚନା କରିଥିଲେ । ସେହିପରି ପାର୍ବତୀଗିରି ରେଡ଼କ୍ରସ ମାତୃ ଭବନକୁ ପହଞ୍ଚି ତଳେ ବସି ଅନ୍ତେବାସିନୀ ବୃଦ୍ଧାଙ୍କ ଭଜନ ଶୁଣିଥିଲେ । ସମସ୍ତ ଅନ୍ତେବାସିନୀ ବୃଦ୍ଧା ସମଲେଶ୍ୱରୀ ମନ୍ଦିର ପରିଦର୍ଶନ ସକାଶେ ଅନୁରୋଧ କରିଥିଲେ । ଏଥିପାଇଁ ବିହିତ ବ୍ୟବସ୍ଥା କରିବାକୁ ଡିସିପିଓ ସୁଚିସ୍ମିତା ପଟ୍ଟନାୟକଙ୍କୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ । ସୁବିଧା ଅସୁବିଧା ସଂକ୍ରାନ୍ତରେ ମାତୃଭବନ ପରିଚାଳକ କ୍ଷୀରୋଦ ଓଝାଙ୍କ ସହ ଆଲୋଚନା କରିଥିଲେ । ଜିଲ୍ଲାପାଳଙ୍କ ଏହି ଗସ୍ତ କାର୍ଯ୍ୟକ୍ରମରେ ଏମ୍‌ସିଏଲ୍ ଅଧିକାରୀ ଅରବିନ୍ଦ ସାହୁ, ରେହନ କ୍ଷେତ୍ରୀ (ଆଇଏଏସ) ପ୍ରମୁଖ ସାମିଲ ଥିଲେ ।



# ଟିପିଡବ୍ଲୁଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର

ବୁର୍ଲା : ବିଜୁଳି ଯୋଗାଣକାରୀ ସଂସ୍ଥା ଟାଟା ପାୱାର୍ ସାମାଜିକ ଦାୟିତ୍ୱ ବୋଧ (ସିଏସ୍‌ଆର) ପଦକ୍ଷେପର ଏକ ଅଂଶ ଭାବରେ ବୁର୍ଲା ଭିସୁଟ କ୍ଲବରେ ସମ୍ବଲପୁର ସର୍କଲର ରକ୍ତଦାନ ଶିବିର ଆୟୋଜନ ହୋଇଯାଇଛି । ରକ୍ତଦାନ ଶିବିରକୁ ଟିପିଡବ୍ଲୁଓଡିଏଲ୍‌ର ସିଇଓ ଗଜାନନ କାଲେ, ଭିମ୍‌ସାର୍ ନିର୍ଦ୍ଦେଶକ ପ୍ରଫେସର ଲଳିତ ମେହେର, ଭିସୁଟର କୁଳପତି ପ୍ରଫେସର ବଂଶୀଧର ମାଝୀ ଏବଂ ରକ୍ତଭଣ୍ଡାର ବିଭାଗୀୟ ମୁଖ୍ୟ ଡାକ୍ତର ଚିତ୍ତରଞ୍ଜନ ପ୍ରସାଦ ଯୋଗଦାନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ସମୁଦାୟ ୧୩୦ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା ।



# ଅଇଁଠାପାଲି ଥାନା ଶିବିରରେ ୭୫ ୟୁନିଟ୍ ରକ୍ତ ସଂଗୃହୀତ



ସମ୍ବଲପୁର: ସମ୍ବଲପୁର ଓ ବୁର୍ଲାର ବିଭିନ୍ନ ସରକାରୀ ଓ ଘରୋଇ ହସ୍ପିଟାଲରେ ଚିକିତ୍ସାଧୀନ ରୋଗୀଙ୍କ ପାଇଁ ରକ୍ତର ଚାହିଦାକୁ ଦୃଷ୍ଟିରେ ରଖି ସମ୍ବଲପୁର ଜିଲ୍ଲା ପୁଲିସ ଏସ.ପିଙ୍କ ନିର୍ଦ୍ଦେଶକ୍ରମେ ଅଇଁଠାପାଲି ଥାନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ୍ ୭୫ ୟୁନିଟ ରକ୍ତ ସଂଗ୍ରହ ହୋଇଥିଲା । ଥାନାର ଭାରପ୍ରାପ୍ତ ଅଧିକାରୀ ଯୋଗେଶ ଚନ୍ଦ୍ର ପଣ୍ଡାଙ୍କ ସମେତ ଅନ୍ୟାନ୍ୟ ଅନୁଷ୍ଠାନର ସ୍ୱେଚ୍ଛାସେବୀ ମାନେ ରକ୍ତ ଦାନ କରିଥିଲେ ।

# ପଶ୍ଚିମବଙ୍ଗ ଦମ୍ପତି ଗ୍ରହଣ କଲେ ପୋଷ୍ୟ ସନ୍ତାନ



ସମ୍ବଲପୁର : ଜିଲ୍ଲା ପ୍ରଶାସନ ପକ୍ଷରୁ ରୁକ୍ମଣୀ ଲାଠ ବାଲ ନିକେତନ ବରଗାଁର ଶିଶୁ କନ୍ୟାକୁ ପଶ୍ଚିମବଙ୍ଗର ଦମ୍ପତି ସୁବୀର ଦାସ ଏବଂ ସମା ଦାସଙ୍କୁ ପୋଷ୍ୟ ସନ୍ତାନ ଭାବେ ନିୟମ ୨୦୨୨ ଅନୁପାଳନ ପୂର୍ବକ ହସ୍ତାନ୍ତର କରାଯାଇଛି । ଜିଲ୍ଲାପାଳ ଅନନ୍ୟା ଦାସଙ୍କ ଉପସ୍ଥିତିରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଏନେଇ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ସୂଚନା ଯୋଗ୍ୟ ଯେ, ଏହି ଶିଶୁ କନ୍ୟାକୁ ଗତ ଏପ୍ରିଲ ୨୦୨୨ ମସିହାରେ ପ୍ରଶାସନ ଉଦ୍ଧାର କରି ରୁକ୍ମଣୀ ଲାଠ ବାଲ ନିକେତନ ବରଗାଁରେ ଲାଳନ ପାଳନ କରାଯାଉଥିଲା । ଜିଲ୍ଲାପାଳ ଶିଶୁ କନ୍ୟାର ପିତାମାତାଙ୍କ ସହ ଆଲୋଚନା କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ଡାକ୍ତର ଦୁର୍ଗାଶଙ୍କର ଶତପଥୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର : ଇଣ୍ଡିଆନ୍ ଡେଣ୍ଟାଲ ଆସୋସିଏସନ୍ ପକ୍ଷରୁ ଆୟୋଜିତ ଇଷ୍ଟ ଚ୍ୟାପ୍ଟର-୨୦୨୨ ଦନ୍ତ ବିଶେଷଜ୍ଞ ସମ୍ମିଳନୀରେ ସମ୍ବଲପୁରର ବିଶିଷ୍ଟ ଦନ୍ତ ରୋଗ ବିଶେଷଜ୍ଞ ଡାକ୍ତର ଦୁର୍ଗାଶଙ୍କର




ଶତପଥୀ ପଶ୍ଚିମ ଓଡ଼ିଶାର ଶ୍ରେଷ୍ଠ ଦନ୍ତ ଚିକିତ୍ସକ ଭାବେ ବିବେଚିତ ହୋଇ ଆଇକନ୍ ପୁରସ୍କାର - ୨୦୨୨ରେ ସମ୍ମାନିତ ହୋଇଛନ୍ତି । ହୋଟେଲ ମେ'ଫେୟାରରେ ଠାରେ ଅନୁଷ୍ଠିତ ତିନି ଦିନିଆ ସମ୍ମିଳନୀରେ ପୂର୍ବାଞ୍ଚଳ ରାଜ୍ୟର ୮ ଶହରୁ ଉର୍ଦ୍ଧ୍ୱ ଦନ୍ତରୋଗ ବିଶେଷଜ୍ଞ ଯୋଗ ଦେଇଥିଲେ । ସମ୍ମିଳନୀରେ ମୁଖ୍ୟଅତିଥି ଭାବେ ଯୋଗ ଦେଇ ଭୁବନେଶ୍ୱର ବିଧାୟକ ଅନନ୍ତ ନାରାୟଣ ଜେନା ଡାକ୍ତର ଶତପଥୀଙ୍କୁ ମାନପତ୍ର ଓ ଟ୍ରଫି ପ୍ରଦାନପୂର୍ବକ ସମ୍ବର୍ଦ୍ଧିତ କରିଥିଲେ ।

# ଜନାର୍ଦ୍ଦନ ପୂଜାରୀଙ୍କ ଶ୍ରାଦ୍ଧୋତ୍ସବ




ସମ୍ବଲପୁର : ବିଶିଷ୍ଟ ଚିକିତ୍ସକ ତଥା ସମାଜସେବୀ ଡାକ୍ତର ଜନାର୍ଦ୍ଦନ ପୂଜାରୀଙ୍କ ଶ୍ରାଦ୍ଧୋତ୍ସବ ଧମା ଅନ୍ତର୍ଗତ ବଉଁଶରା ଗ୍ରାମ ସ୍ଥିତ କଲ୍ୟାଣ ଆଶ୍ରମରେ ଦୀପକ କୁମାର ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଅଧାପକ ତଥା ଓଡିଶା ସାହିତ୍ୟ ଏକାଡେମୀର ସଦସ୍ୟ ଡକ୍ଟର ରଘୁନାଥ ମେହେର ମୁଖ୍ୟ ଅତିଥି ଓ ବରିଷ୍ଠ ସାମ୍ବାଦିକ ହେମନ୍ତ କୁମାର ମହାପାତ୍ର ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଅର୍ଜ୍ଜୁନ ରଞ୍ଜନ ପଣ୍ଡା ସ୍ୱାଗତ ଭାଷଣ ଦେଇଥିବା ବେଳେ ସୂର୍ଯ୍ୟକୁମାର ପଣ୍ଡା ବିବରଣୀ ପ୍ରଦାନ ଏବଂ ପୁରନ୍ଦର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ । ରମଣୀ ରଞ୍ଜନ ପଣ୍ଡା ମଧ୍ୟ ମଞ୍ଚାସୀନ ଥିଲେ । ପଣ୍ଡିତ ଖୁଦରାମ ପତିଙ୍କ ନେତୃତ୍ୱରେ ଡାକ୍ତର ପୂଜାରୀଙ୍କ ପ୍ରିୟ ଗୀତାର ପଞ୍ଚଦଶ ଅଧ୍ୟାୟର ସାମୂହିକ ପଠନ ସାଂଗକୁ କୀର୍ତ୍ତନ ହେଇଥିଲା । ମହାନଦୀରେ ତିଳ ତର୍ପଣ ପରେ ସାମୂହିକ ପ୍ରସାଦ ସେବନ କରାଯାଇଥିଲା ।

# ମାରୱାଡ଼ି ମହିଳା ସମିତିର ସଚେତନତା ଶିବିର



ସମ୍ବଲପୁର : ମାରୱାଡ଼ି ମହିଳା ସମିତି କ୍ଷେତରାଜପୁର ଶାଖା ପକ୍ଷରୁ ଦୁର୍ଗାପାଲି ସ୍ଥିତ ଦୟାମଣି ବୃଦ୍ଧାଶ୍ରମ ଠାରେ ଶରୀର ଓ ଚକ୍ଷୁଦାନ ବାବଦରେ ଏକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମହିଳା ସମିତିର କର୍ମକର୍ତ୍ତା ସୁଲୋଚନା କେଡିଆ, ଇନ୍ଦୁ ମୁନ୍ଦ୍ରା, ମଞ୍ଜୁ ଟିବ୍ରିୱାଲ, ନିର୍ମଳା ଅଗ୍ରୱାଲ ଓ ବୃଦ୍ଧାଶ୍ରମ ପରିଚାଳନା କମିଟିର ହେମନ୍ତ କୁମାର ମହାପାତ୍ର, ଭୋଳା ଟିବ୍ରିୱାଲ ଏବଂ ଡକ୍ଟର ପ୍ରତିଭା ଦେବୀ ପ୍ରମୁଖ ଶରୀର ଓ ଚକ୍ଷୁ ଦାନର ମହତ୍ତ୍ୱ ଉପରେ ଅନ୍ତେବାସୀ ମାନଙ୍କୁ ଅବଗତ କରାଇଥିଲେ ।

Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra